## ଚିତ୍ର ଓ ବକ୍ତୃତାରେ ସଡ଼କ ସୁରକ୍ଷା

**ନୟାଗଡ ଅଫିସ-** ସଡ଼କ ସୁରକ୍ଷା ମାସ ଅବସରରେ ନୟାଗଡ ସ୍ୱୟଂ ଶାସିତ ମହାବିଦ୍ୟାଳୟ ପରିସରରେ ଜିଲାସ୍ତରୀୟ ଚିତ୍ରାଙ୍କନ, ବକ୍ତୃତା ଓ ସ୍ଲୋଗାନ ପ୍ରତିଯୋଗିତା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଛାତ୍ରୀଛାତ୍ରଙ୍କ ଉପସ୍ଥାପନ ସଡ଼କ ସୁରକ୍ଷା ଉପରେ ପର୍ଯ୍ୟବେସିତ ଥିଲା। ବକ୍ତୃତାରେ ନୟାଗଡ ହାୟାର ସେକେଣ୍ଡାରୀ ସ୍କୁଲର ଛାତ୍ରୀ ସ୍ୱାଗତିକା ମିଶ୍ର, ନୟାଗଡ ସ୍ୱୟଂ ଶାସିତ ମହାବିଦ୍ୟାଳୟର ପ୍ରତ୍ୟାଶା ରଥ ଚିତ୍ରାଙ୍କନରେ ଓ ସ୍ଲୋଗାନରେ ଆର୍ଯ୍ୟଦୀପ ବିଧାର ମହାପାତ୍ର ପ୍ରଥମ ସ୍ଥାନ ଅକ୍ତିଆର କରିଥିଲେ। ଅନ୍ୟପକ୍ଷେ ନୟାଗଡ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ଟ୍ରାଫିକ ସଚେତନତା କାର୍ଯ୍ୟ ଜାରି ରହିଛି।

# ସଙ୍କଟରେ ଓଡ଼ିଆ ଭାଷା ସ୍ଥିତି

**କେନ୍ଦ୍ରାପଡ଼ାରେ ବଢୁଛି ଅନୁପ୍ରବେଶ**

- ଉପାନ୍ତରେ ୯୦ ଭାଗ ଲୋକ ବଙ୍ଗଳାରେ ହେଉଛନ୍ତି କଥାବାର୍ତ୍ତା
- ଭୋଟ ବ୍ୟାଙ୍କ ପାଇଁ ପ୍ରତିବାଦ ନାହିଁ

**କେନ୍ଦ୍ରାପଡ଼ା ଅଫିସ, ୨୨।୧**

ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ପ୍ରଦାନ ସହ ପ୍ରଚାର ପ୍ରସାର ଚାଲିଛି। ସମସ୍ତ କାର୍ଯ୍ୟାଳୟ, ବ୍ୟବସାୟ ପ୍ରତିଷ୍ଠାନରେ ଓଡ଼ିଆ ଭାଷା ବ୍ୟବହାର କରିବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଏହାସତ୍ତ୍ୱେ କେନ୍ଦ୍ରାପଡ଼ା ଜିଲାର ଉପାନ୍ତ ଅଞ୍ଚଳରେ ଓଡ଼ିଆ ଭାଷା ସ୍ଥିତି ସଙ୍କଟରେ ପଡିଛି। ସମୁଦ୍ର ତଟବର୍ତ୍ତୀ ରାଜନଗର ଓ ମହାକାଳପଡ଼ା ବ୍ଲକ ଅଞ୍ଚଳରେ ଓଡ଼ିଆ ଭାଷା ବିଲୁପ୍ତ ହେବାକୁ ବସିଛି। ପ୍ରାୟ ୯୦ଭାଗ ଲୋକ ଓଡ଼ିଆ ଭାଷା ବଦଳରେ ବଙ୍ଗଳାରେ କଥାବାର୍ତ୍ତା କରୁଛନ୍ତି। ଏପରି କି ବିଦ୍ୟାଳୟ ମଧ୍ୟରେ ଶିକ୍ଷାର୍ଥୀମାନେ ବଙ୍ଗଳାରେ ଭାବ ବିନିମୟ କରୁଥିବା ଦେଖାଯାଉଛି। ଏହି ଅଞ୍ଚଳରେ ଅନୁପ୍ରବେଶକାରୀଙ୍କ ସଂଖ୍ୟା ବଢୁଥିଲେ ମଧ୍ୟ ଭୋଟ ବ୍ୟାଙ୍କ ପାଇଁ ରାଜନେତାମାନେ ପ୍ରତିବାଦ କରୁନାହାନ୍ତି କି ଜିଲା ପ୍ରଶାସନ ତତ୍ପରତା ଦେଖାଉନାହିଁ ବୋଲି ବୁଦ୍ଧିଜୀବୀମାନେ ମତବ୍ୟକ୍ତ କରିଛନ୍ତି।

ଏ ସମ୍ପର୍କରେ ରାଜନଗରର ପ୍ରତ୍ୟୁଷ ନାୟକ କୁହନ୍ତି, ଉପାନ୍ତ ଅଞ୍ଚଳରେ ଓଡ଼ିଆ ଭାଷାର ଏହି ସଙ୍କଟଜନକ ସ୍ଥିତି ପାଇଁ ଅନୁପ୍ରବେଶ ଦାୟୀ। ୧୯୫୦ରେ ବାଂଲାଦେଶ ଗୃହଯୁଦ୍ଧ ସମୟରେ ୧୨୩୭ ବଙ୍ଗଭାଷୀଙ୍କୁ କେନ୍ଦ୍ରାପଡ଼ା ଜିଲାରେ ଥଇଥାନ କରାଯାଇଥିଲା। ୨୦୧୧ ଜନଗଣନାରେ ଜିଲାର ବଙ୍ଗଭାଷୀଙ୍କ ସଂଖ୍ୟା ୭୮ ହଜାରରୁ ଊର୍ଦ୍ଧ୍ୱ ଥିବା ରିପୋର୍ଟରେ ଦର୍ଶାଯାଇଛି। ଏମାନଙ୍କ ମଧ୍ୟରୁ ଅଦ୍ୟାବଧି ୪୨ ହଜାରରୁ ଊର୍ଦ୍ଧ୍ୱ ଭୋଟ ପରିଚୟପତ୍ର ହାସଲ କରିଛନ୍ତି। ୨୦୦୫ରେ କେନ୍ଦ୍ର ସରକାରଙ୍କ ତାଗିଦ୍ ପରେ ଅନୁପ୍ରବେଶକୁ ନେଇ ଏକ ସର୍ଭେ ହୋଇଥିଲା। ଜିଲା ପ୍ରଶାସନ ପକ୍ଷରୁ ହୋଇଥିବା ତଦନ୍ତରେ ମହାକାଳପଡ଼ା ତହସିଲ ଅଞ୍ଚଳର ୧୫୫୧ଜଣ, ପଟ୍ଟାମୁଣ୍ଡାଇର ୯୦ ଓ ରାଜନଗରର ୩୦ ଜଣ ଅନୁପ୍ରବେଶକାରୀ ବୋଲି ଚିହ୍ନଟ ହୋଇଥିଲେ। ଏଥିମଧ୍ୟରୁ ମହାକାଳପଡ଼ା ତହସିଲ ଅଞ୍ଚଳର ଚିହ୍ନଟ ଅନୁପ୍ରବେଶକାରୀଙ୍କୁ ଦେଶାନ୍ତର ନୋଟିସ ଜାରି ହୋଇଥିଲେ ମଧ୍ୟ ଏହା କାର୍ଯ୍ୟକାରୀ ହୋଇନାହିଁ। ବହୁ ସମୟରେ ଅନୁପ୍ରବେଶ ସମ୍ପର୍କରେ ସୂଚନା ମିଳୁଥିଲେ ମଧ୍ୟ ଜିଲା ପ୍ରଶାସନ କିଛି ବି ପଦକ୍ଷେପ ନେଉନାହିଁ। ସେହିପରି ଭୋଟ ବ୍ୟାଙ୍କ ଭାଙ୍ଗିଯିବା ନେଇ ରାଜନେତାମାନେ ଚୁପ ରହୁଥିବା ନାୟକ ପ୍ରକାଶ କରିଛନ୍ତି। ରାଜନଗରର ତପନ କୁମାର କର କହିଛନ୍ତି, ୨୦୦୮ ଡିସେମ୍ବର ୯ରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନୁପ୍ରବେଶକାରୀଙ୍କୁ ରୋକିବାକୁ ବିକ୍ଷୋଭ କରାଯାଇଥିଲା। ଏଥିରେ ଅନୁପ୍ରବେଶ ହେତୁ ଜିଲା ତଥା ଦେଶର ସୁରକ୍ଷାକୁ ନେଇ ପ୍ରଶ୍ନ ଉଠିଥିଲା। ଏହାସତ୍ତ୍ୱେ ଉକ୍ତ ଅଞ୍ଚଳରେ କୌଣସି ଫରକ ପଡିନାହିଁ। ଏହି ଦୁଇ ବ୍ଲକ ଅଞ୍ଚଳର ରାମନଗର, ସୁନୀତି, ବାବର, ଡାଙ୍ଗମାଳ, ତାଳଚୁଆ, ଭେଙ୍କା, ରଙ୍ଗଣୀ, ଗୁପ୍ତି, ଭିତରକନିକା, ଗହୀରମଥା, ବେଣାକନ୍ଦା, ଜମ୍ବୁ, ଖରିନାସୀ, ବଟୀଘର, ପିତାପାଟ, ଅହିରାଜପୁର, ବରଜିବାହାକୁଦ, ଅମରାବତୀ, ମଞ୍ଜୁଳାପଲ୍ଲୀ, ଦୈତ୍ୟପ୍ରସାଦ, ରାନିପାଟଣା, ବୀରଭଞ୍ଜପୁର, ଭଞ୍ଜପ୍ରସାଦ, ଟିକାୟତନଗର, କୃଷ୍ଣନଗର, ରାଜେନ୍ଦ୍ରନଗର ଓ କନକନଗର ଆଦି ଗାଁରେ ବଙ୍ଗଭାଷୀଙ୍କ ବସ୍ତି ଗଢି ଉଠିଛି। ବଙ୍ଗଭାଷୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ଓଡ଼ିଆ ଭାଷାର ବ୍ୟବହାର କମୁଥିବା ସେ ପ୍ରକାଶ କରିଛନ୍ତି। ଏ ସଂକ୍ରାନ୍ତରେ ବୁଦ୍ଧିଜୀବୀ ମହେଶ୍ୱର ଜେନା କହିଛନ୍ତି, ସାମ୍ପ୍ରତିକ ସମୟରେ ଉକ୍ତ ଅଞ୍ଚଳରେ ଓଡ଼ିଶାର ସଂସ୍କୃତି, ପରମ୍ପରା ବିଲୋପ ସହ ଓଡ଼ିଆ ଭାଷା ବିକୃତ ହେବାରେ ଲାଗିଛି। ସେଠାରେ ବସବାସ କରୁଥିବା ଲୋକ ଓଡ଼ିଆ ଭାଷାରେ ଲେଖାପଢ଼ା କରିଥିଲେ ହେଁ କଥାବାର୍ତ୍ତା ପ୍ରତି ବିମୁଖ ହେଉଛନ୍ତି। ବିଭିନ୍ନ ଦୋକାନରେ ବଙ୍ଗଳା ଭାଷାର ଧର୍ମ ପୁସ୍ତକ, ପଞ୍ଜିକା, କ୍ୟାଲେଣ୍ଡର ବିକ୍ରି ହେଉଛି। ସ୍ଥାନୀୟ ରାଜନେତା ଭୋଟରଙ୍କୁ ଆକୃଷ୍ଟ ପାଇଁ ବଙ୍ଗଳାରେ ଭାଷଣ ଦେଉଛନ୍ତି। ଏପରିସ୍ଥିତିରେ ଓଡ଼ିଆ ଭାଷା ଆସିବ କେଉଁଠୁ ବୋଲି ସେ ପ୍ରଶ୍ନ କରିଛନ୍ତି। ଏ ସମ୍ପର୍କରେ ଏଡିଏମ୍ ବସନ୍ତ କୁମାର ରାଉତ କହିଛନ୍ତି, ଅନୁପ୍ରବେଶକୁ ରୋକିବାକୁ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା ହୋଇଛି। ଜିଲାର ସମସ୍ତ ବିଦ୍ୟାଳୟରେ ଓଡ଼ିଆ ଭାଷା ପଢ଼ା ଯାଉଥିବା ସେ ମତ ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ଚାକିରି କରାଇଦେବା ନାଁରେ ଠକେଇ

**ପାଣିକୋଇଲି,୨୨।୧(ଡି.ଏନ.ଏ.)** ଚାକିରି କରାଇ ଦେବାକୁ କହି ଜଣେ ବେକାର ଯୁବକଙ୍କୁ ଠକେଇ କରାଯାଇଥିବା ପାଣିକୋଇଲି ଥାନାରେ ଅଭିଯୋଗ ହୋଇଛି। ପାଣିକୋଇଲି ଥାନା ଗୋଲେଇପୁର ପଞ୍ଚାୟତ ସିଙ୍ଗଡ଼ା ଗ୍ରାମର ରାଜୀବ ଦଳାଇ ଚାକିରି ଆଶାୟୀ ଥିଲେ। ଏକ ନାମୀ କମ୍ପାନୀରେ ଚାକିରି କରାଇ ଦେବେ ବୋଲି କହି ଆଶିଷ ଜେନା ନାମକ ଯୁବକ ରାଜୀବଙ୍କ ଆଧାରକାର୍ଡ, ଭୋଟ ପରିଚୟ ପତ୍ର, ବ୍ୟାଙ୍କ ପାସ୍‌ବୁକ ଆଦିର ଜେରକ୍ସ ନେବା ସହିତ ଏକ ସାଦା କାଗଜରେ ତାଙ୍କ ଦସ୍ତଖତ ନେଇଥିଲେ। ମାତ୍ର ଚାକିରି ଦେବା ପରିବର୍ତ୍ତେ ରାଜୀବଙ୍କଠାରୁ ନେଇଥିବା କାଗଜପତ୍ର ଆଧାରରେ ଆଶିଷ ଏକ ସ୍କୁଟି କିଣିଥିବା ଅନୁସନ୍ଧାନରେ ଆସିଥିବା ଏକ ବାଇକ କମ୍ପାନୀର କର୍ମଚାରୀଙ୍କଠାରୁ ଜାଣିବାକୁ ପାଇଲେ। ପରେ ଏ ନେଇ ରାଜୀବଙ୍କ ପରିବାରବର୍ଗ ଆଶିଷଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରିବାରୁ ତାଙ୍କ ମୋବାଇଲ ଫୋନ୍ ସୁଇଚ୍ ଅଫ୍ ଦର୍ଶାଇଥିଲା। ଫଳରେ ଆଶିଷଙ୍କ ନାଁରେ ଥାନାରେ ଅଭିଯୋଗ କରାଯାଇଥିଲା। ପୋଲିସ ଆଶିଷଙ୍କୁ ଖୋଜିବା ପାଇଁ ତାଙ୍କ ପଥରପଦାସ୍ଥିତ ବାସଭବନକୁ ଯିବାପରେ ସେ ନିଖୋଜ ଥିବା ପୋଲିସ ଜାଣିବାକୁ ପାଇଥିଲା। ଏ ନେଇ ପୋଲିସ ତଦନ୍ତ ଜାରି ରଖିଛି।

### ଗୋରୁ ବୋଝେଇ ଗାଡ଼ି ଜବତ, ଡ୍ରାଇଭର ଗିରଫ

**ପାଣିକୋଇଲି,୨୨।୧(ଡି.ଏନ.ଏ.):** ପାଣିକୋଇଲି ଥାନା ପୋଲିସ ଶୁକ୍ରବାର ଏକ ଗୋରୁ ବୋଝେଇ ପିକ୍‌ଅପ୍ ଭ୍ୟାନକୁ ଜବତ କରିବା ସହ ଡ୍ରାଇଭରଙ୍କୁ ଗିରଫ କରିଛି। ଏନେଇ ପୋଲିସ ଏକ ମାମଲା ୩୨/୨୧ ରୁଜୁ କରିବା ସହ ଜବତ ୪ ଗୋରୁଙ୍କୁ ସାହାପୁର ହାଟରେ ଜଣେ ବ୍ୟକ୍ତିଙ୍କ ନିକଟରେ ଜିମା ଦିଆଯାଇଛି। ଡ୍ରାଇଭର ଜଣକ କଟକ ଜିଲା ଗୋବିନ୍ଦପୁର ଥାନା ଉତରଣା କଣ୍ଡାଳ ଗ୍ରାମର ଗୁଣ୍ଡୁଚି ମଲିକ ବୋଲି ପୋଲିସ ସୂତ୍ରରୁ ପ୍ରକାଶ।

### ଶ୍ରମିକଙ୍କୁ କୁଶଳୀ ମଜୁରି ଦେବାକୁ ନିଷ୍ପତ୍ତି

**ପାରାଦୀପ,୨୨।୧(ସ୍ୱ.ପ୍ର.):** ପାରାଦୀପ କେନ୍ଦ୍ରୀୟ ଶ୍ରମ ପ୍ରବର୍ତ୍ତନ ଅଧିକାରୀ କାର୍ଯ୍ୟାଳୟ ପକ୍ଷରୁ ଏକ ପୁରୁଣା ବିବାଦର ସମାଧାନ ଶୁକ୍ରବାର କରାଯାଇଛି। ଏଥିରେ ଶ୍ରମିକ ଅର୍ଦ୍ଧକୁଶଳୀ ବଦଳରେ କୁଶଳୀ ମଜୁରି ପାଇବେ ବୋଲି ନିଷ୍ପତ୍ତି ହୋଇଛି। ତୈଳ ବିଶୋଧନାଗାର ଅଧୀନରେ କାମ କରୁଥିବା ଠିକାସଂସ୍ଥା ଜଗଦୀଶ ମାହାତ୍ତୋରେ କାର୍ଯ୍ୟରତ ଶ୍ରମିକଙ୍କୁ ଅର୍ଦ୍ଧକୁଶଳୀ ମଜୁରି ମିଳୁଥିଲା। ଏନେଇ ପାରାଦୀପ ଏରସମା ଶିଳ୍ପାଞ୍ଚଳ ଶ୍ରମିକ ସଂଘ ଗତବର୍ଷ ସେପ୍ଟେମ୍ବର ୧୮ରେ ଶ୍ରମ ପ୍ରବର୍ତ୍ତନ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲା। ଅଭିଯୋଗ ଉପରେ ଶୁକ୍ରବାର ତ୍ରିପାକ୍ଷିକ ଆଲୋଚନା ହୋଇଥିଲା। ଆଲୋଚନାରେ ମାସକ ମଧ୍ୟରେ ଶ୍ରମିକଙ୍କୁ କୁଶଳୀ ମଜୁରି ଦେବାକୁ ସ୍ଥିର କରାଯାଇଛି। ଆଲୋଚନାରେ ଶ୍ରମ ଅଧିକାରୀ ଶିଶିର ସେଠୀ, ଠିକାସଂସ୍ଥା ପକ୍ଷରୁ ଅଜୟ କୁମାର ଓ ଶ୍ରମିକ ସଂଘ ପକ୍ଷରୁ ସୁରେଶ ଚନ୍ଦ୍ର ସାହୁ ଉପସ୍ଥିତ ଥିଲେ।

### ଖବରଦାତାଙ୍କ ପିତୃ ବିୟୋଗ

**କୁଜଙ୍ଗ, ୨୨।୧ (ଡି.ଏନ.ଏ.) :** କୁଜଙ୍ଗ ବ୍ଲକ ମଙ୍ଗରାଜପୁର ଗ୍ରାମର ଖବରଦାତା ଦୁଷ୍ମନ୍ତ ମାଝିଙ୍କ ପିତା ବ୍ରହ୍ମାନନ୍ଦ(୮୪)ଙ୍କ ହୃଦ୍‌ଘାତରେ ପରଲୋକ ଘଟିଛି। ମୃତ୍ୟୁ ଶଯ୍ୟା ନିକଟରେ ପୁତ୍ର ପ୍ରଶାନ୍ତ, ସୁଶାନ୍ତ, ସୁକାନ୍ତ, ଦୁଷ୍ମନ୍ତ, ବସନ୍ତଙ୍କ ସମେତ ବୋହୂ, ନାତୁଣୀ, ନାତି ପ୍ରମୁଖ ଉପସ୍ଥିତ ଥିଲେ। ତାଙ୍କ ପରଲୋକରେ ଗାଁରେ ଶୋକର ଛାୟା ଖେଳିଯାଇଛି। ପୂର୍ବତନ ଏମ୍‌ପି କୁଳମଣି ସାମଲ, କୁଜଙ୍ଗ ମିଡିଆ ଫୋରମ ସଭାପତି ମନୋଜ ପ୍ରଧାନ, ଓକିଲ ସଂଘ ସଭାପତି ଗତିକୃଷ୍ଣ ଶତପଥୀ ପ୍ରମୁଖ ତାଙ୍କ ମଙ୍ଗରାଜପୁରସ୍ଥ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ।

### ରାଜନଗର ପୂର୍ବତନ ସରପଞ୍ଚଙ୍କ ପରଲୋକ

**ରାଜନଗର, ୨୨।୧(ଡି.ଏନ.ଏ.):** ରାଜନଗରର ପୂର୍ବତନ ସରପଞ୍ଚ ରାମଚନ୍ଦ୍ର ମିଶ୍ର(୮୧)ଙ୍କ ଶୁକ୍ରବାର ହୃଦ୍‌ଘାତରେ ପରଲୋକ ହୋଇଛି। ମୃତ୍ୟୁ ଶଯ୍ୟା ନିକଟରେ ଭାଇ ତଥା ବର୍ତ୍ତମାନର ସରପଞ୍ଚ ପ୍ରଭାତ ଚନ୍ଦ୍ର ମିଶ୍ର, ପୁଅ ନିରଞ୍ଜନ, ଭକ୍ତରଞ୍ଜନ, ମନୋରଞ୍ଜନ, ବୋହୂ, ନାତୁଣୀ, ନାତି ଉପସ୍ଥିତ ଥିଲେ।

## ମାଙ୍କଡ଼ା ପଥର ଖଣିରେ ଡିଏଫ୍‌ଓଙ୍କ ଚଢ଼ାଉ



ମାଙ୍କଡ଼ା ପଥର ଖଣିରେ ଚଢ଼ାଉ କରାଯାଉଛି।

**ମାଫିଆଙ୍କ ଛତ୍ରଭଙ୍ଗ, ଗାଡ଼ି ଜବତ, ମକଦ୍ଦମା ରୁଜୁ**

**ଓଡ଼ଗାଁ, ୨୨।୧(ସ୍ୱ.ପ୍ର.)**

ବର୍ଷ ବର୍ଷ ଧରି ଓଡଗାଁ ତହସିଲ ଅନ୍ତର୍ଗତ କୋମଣ୍ଡରେ ଚାଲିଥିବା ବେଆଇନ ମାଙ୍କଡା ଖଣିରେ ଶୁକ୍ରବାର ନୟାଗଡ ଡିଏଫ୍‌ଓଙ୍କ ଅଚାନକ ଚଢାଉରେ ପଥର ମାଫିଆ ଛତ୍ରଭଙ୍ଗ ଦେଇଥିଲେ। ଡିଏଫ୍‌ଓ ଧନରାଜ ଏଚଡି ସଦଳବଳ ମାଙ୍କଡା ଖଣି ଅଞ୍ଚଳରେ ଚଢାଉ କରିଥିବା ବେଳେ ବହୁ ବେଆଇନ ଖଣି ସମ୍ପର୍କରେ ସୂଚନା ପାଇଥିଲେ। ଏସବୁ ଖଣିରୁ କୋଟି କୋଟି ଟଙ୍କାର ରାଜସ୍ୱ ଲୁଟ୍ ହୋଇଥିବା ସେ ଆକଳନ କରିଥିବା ସୂଚନା ଦେଇଛନ୍ତି। ଚଢାଉ ସମୟରେ ସ୍ଥାନୀୟ ତହସିଲଦାର ବିଜୟିତା ସାମନ୍ତସିଂହାର ସାମିଲ ହୋଇଥିଲେ। ଡିଏଫ୍‌ଓ ଖଣି ଅଞ୍ଚଳରୁ ମାଙ୍କଡା ଚାଲାଣ ଓ କାଟିବା ନିମନ୍ତେ ନିୟୋଜିତ ଥିବା ୨ ଟ୍ରକ, ଓ ଟ୍ରାକ୍ଟର ଓ ଜେସିବି ମେଶିନ ଓ ୬ ପାୱାର ଟ୍ରିଲର ଜବତ କରି ବନାଞ୍ଚଳ କାର୍ଯ୍ୟାଳୟକୁ ନେଇ ଆସିଥିଲେ। ଏନେଇ ୩ ଗାଡି ମାଲିକଙ୍କ ବିରୋଧରେ ୩ ମାମଲା ରୁଜୁ ହୋଇଥିବା ସୂଚନା ମିଳିଛି। ଅନ୍ୟପକ୍ଷେ ବିଗତ ଦିନରେ ରାଜସ୍ୱ ଓ ପୋଲିସ ବିଭାଗ ଖଣି ଅଞ୍ଚଳରେ ଚଢାଉ କରିବା, ବେଆଇନ ମାଙ୍କଡା ଚାଲାଣ ବେଳେ ଧରାପଡୁଥିବା ଗାଡି ଜବତ କରିବା ଏବଂ ଫାଇନ ଆଦାୟ କରିବା ନଜୀର ରହିଛି। ହେଲେ ପ୍ରଥମ ଥର ପାଇଁ ଡଏଫ୍‌ଓ ଖଣି ଉପରେ ଚଢାଉ କରିବା ପରେ ମାଫିଆଙ୍କ ମଧ୍ୟରେ ଆଲୋଚନା ହେଉଛି। ସେମାନେ ଏହାର କଡା ମୁକାବିଲା କରିବାକୁ ଜରୁରୀ ବୈଠକରେ ଏକାଠି ହୋଇଥିବା ବିଶ୍ୱସ୍ତ ସୂତ୍ରରୁ ଜଣାଯାଇଛି। ଚଢାଉରେ ନୟାଗଡ ସହକାରୀ ବନ ସଂରକ୍ଷକ ଅରବିନ୍ଦ ମହାନ୍ତି, ରଞ୍ଜର ଅମ୍ରିତ କୁମାର ସାହୁ, ବନପାଳ ଜ୍ୟୋତି ରଞ୍ଜନ ମାନସିଂଙ୍କ ସହ ପୋଲିସ ଫୋର୍ସ ସାମିଲ ହୋଇଥିଲେ।

## ମେଡିକାଲ କଲେଜ ପ୍ରତିଷ୍ଠା ପ୍ରସ୍ତାବ ଗୃହୀତ



ଜିଲାପରିଷଦ ବୈଠକରେ ଉପସ୍ଥିତ ସଦସ୍ୟ ଓ ଅନ୍ୟମାନେ।

**ପଞ୍ଚମ ଜିଲା ପରିଷଦ ବୈଠକ**

**କେନ୍ଦ୍ରାପଡ଼ା ଅଫିସ,୨୨।୧**

କେନ୍ଦ୍ରାପଡ଼ା ଜିଲାର କ୍ରମ ବର୍ଦ୍ଧିଷ୍ଣୁ ଜନସଂଖ୍ୟା, ସ୍ୱାସ୍ଥ୍ୟସେବାର ଆବଶ୍ୟକତା ଓ ଉପଯୁକ୍ତ ଭିତ୍ତିଭୂମିକୁ ଦୃଷ୍ଟିରେ ରଖି ମେଡିକାଲ କଲେଜ ସ୍ଥାପନ ପ୍ରସ୍ତାବ ପଞ୍ଚମ ଜିଲା ପରିଷଦ ବୈଠକରେ ପ୍ରସ୍ତାବ ଶୁକ୍ରବାର ଗୃହୀତ ହୋଇଛି। ଏ ନେଇ ରାଜ୍ୟ ସରକାରଙ୍କ ଅବଗତି ଓ ଆବଶ୍ୟକ ପଦକ୍ଷେପ ଗ୍ରହଣ ପାଇଁ ଜିଲା ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଦାୟିତ୍ୱ ଦିଆଯାଇଛି। ଏଥିସହ ଜିଲାର ବିଭିନ୍ନ ସମସ୍ୟା ଓ ନିରାକରଣ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଛି। ଜିଲା ପରିଷଦ ସଭାପତି ମାନସ କୁମାର ପରିଡାଙ୍କ ଅଧ୍ୟକ୍ଷତାରେ ବୈଠକ ଡିଆରଡିଏ ହଲରେ ଅନୁଷ୍ଠିତ ହୋଇଥିଲା। ଏଥିରେ କେନ୍ଦ୍ରାପଡ଼ା ବିଧାୟକ ଶଶିଭୂଷଣ ବେହେରା, ଆଳି ବିଧାୟକ ପ୍ରତାପ ଦେବ, ଜିଲାପାଳ ଅମ୍ରିତ ଋତୁରାଜ, ପିଡି ଦିଲୀପ କୁମାର ପରିଡା, ଉପସଭାପତି ସୁଚିତ୍ରା ସାହୁ ପ୍ରମୁଖ ଯୋଗ ଦେଇଥିଲେ। ବୈଠକରେ ଆଳିର ଦୁଇ ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା, ସମସ୍ତ ଚାଷୀଙ୍କୁ ପଞ୍ଜୀକୃତ କରି ଧାନ ସଂଗ୍ରହ କରିବା, ମେଡିକାଲରେ ଡାକ୍ତର ପଦବୀ ପୂରଣ କରିବା ଆଦି ଉପରେ ଆଲୋଚନା ହୋଇଥିଲା। ସେହିପରି ବିଗତ ବୈଠକଗୁଡିକରେ ଗୃହୀତ ପ୍ରସ୍ତାବ ଅନେକ କ୍ଷେତ୍ରରେ ଅନୁପାଳନ ହେଉ ନ ଥିବା, ନିୟମିତ ବୈଠକ ବସୁ ନ ଥିବା, ଅର୍ଥ କମିଶନଙ୍କ ଅନୁଦାନ ବ୍ଲକଗୁଡିକୁ ଯାଇ ନ ଥିବା, ଜିଲା ପରିଷଦକୁ ମିଳିଥିବା ଗ୍ରାଣ୍ଟ ଇନ୍‌ଏଡ଼ର ବିନିଯୋଗରେ ଟାଳଟୁଳ ଦେଖା ଦେଇଥିବା, ଜିଲା ପରିଷଦରେ ଗଚ୍ଛିତ ଥିବା ସୁଧ ଅର୍ଥର ବିନିଯୋଗରେ ସ୍ୱଚ୍ଛତା ରକ୍ଷା, ସଦସ୍ୟଙ୍କ ଦୈନିକ ଭତ୍ତା ପ୍ରଦାନ, ଏମ୍‌ସିଆଇ ଡିଭିଜନର କାର୍ଯ୍ୟରେ ଅନିୟମିତତା ଆଦି ପ୍ରସଙ୍ଗକୁ ନେଇ ସଦସ୍ୟମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ବୈଠକରେ ବ୍ଲକ ଅଧ୍ୟକ୍ଷ ସରୋଜକାନ୍ତ ସାହୁ, ଶିବ ପ୍ରସାଦ ଭୋଳ, ଜ୍ୟୋର୍ତିମୟୀ ବେହେରା, ସଦସ୍ୟ ଗଣେଶ ଚନ୍ଦ୍ର ସାମଲ, ଧନଞ୍ଜୟ ବୋଷ, ସନ୍ତୋଷ ଜେନା, ଜ୍ୟୋତ୍ସ୍ନାରାଣୀ ଜେନା, ଦେବଦତ୍ତ ଚୌଧୁରୀ, ରବୀନ୍ଦ୍ର ସେଠୀ, ଜଗନ୍ନାଥ ରାଉତରାୟ, ସ୍ୱପ୍ନା ଖଣ୍ଡାଇ, ସବିତା ସେଠୀ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏଥିରେ ପରିଷଦର ସଦସ୍ୟଙ୍କ ସହ ପ୍ରଶାସନିକ ଅଧିକାରୀ ସାମିଲ ହୋଇଥିଲେ।

## ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ

**ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ**

**ନୟାଗଡ ଅଫିସ,୨୨।୧**

ଚାଷୀଙ୍କ ଦିଲ୍ଲୀ ଅଭିଯାନକୁ ଭଣ୍ଡୁର କରିବାକୁ ଉତ୍ତର ପ୍ରଦେଶ ସରକାରଙ୍କ ପ୍ରଚେଷ୍ଟାକୁ ନିନ୍ଦା କରାଯାଇ ନୟାଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶୁକ୍ରବାର ପୂର୍ବାହ୍ନରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପରେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ କୁଶ ପୁତ୍ତଳିକା ଦାହ କରାଯାଇଥିଲା। ସଂଯୁକ୍ତ ମୋର୍ଚ୍ଚା ଡାକରାରେ କେନ୍ଦ୍ରୀୟ କୃଷି ଆଇନ ୨୦୨୦ ପ୍ରତ୍ୟାହାର ଦାବିରେ ୧୫ ଜାନୁୟାରୀରୁ ନବ ନିର୍ମାଣ କୃଷକ ସଙ୍ଗଠନ ଚାଷୀଙ୍କ ଓଡ଼ିଶା ପକ୍ଷରୁ ଦିଲ୍ଲୀ ଚାଲୋ ଅଭିଯାନ ଜାରି ରହିଛି। ୫ ଶହ ଚାଷୀ ଏହି ଅଭିଯାନରେ ସାମିଲ ଅଛନ୍ତି। ପଶ୍ଚିମବଙ୍ଗ, ଝାଡଖଣ୍ଡ, ବିହାର ରାଜ୍ୟର ଚାଷୀମାନଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ତେବେ ସେଠାକାର ସରକାର ଉତ୍ତରପ୍ରଦେଶ ଓ ବିହାର ସୀମାରେ ଚାଷୀଙ୍କୁ ଅଟକାଇ ଦିଲ୍ଲୀ ଯିବାକୁ ନ ଦେବାରୁ ଏହାର ପ୍ରତିବାଦ କରାଯାଇଛି। ଏ ଅବସରରେ ଏକ ପ୍ରତିବାଦ ସଭା କରାଯାଇଥିଲା। ଏଥିରେ ନୟାଗଡ ନବ ନିର୍ମାଣ କୃଷକ ସଙ୍ଗଠନର ଜିଲା ସମ୍ପାଦକ ମହେଶ୍ୱର ଜେନା, ଜିଲା କଂଗ୍ରେସ ସଭାପତି ରଣଜିତ୍ ଦାଶ, କୃଷକ ଓ କଂଗ୍ରେସ ନେତା ମନୋଜ ସାହୁ, ନବ ନିର୍ମାଣ କୃଷକ ସଙ୍ଗଠନର ଓଡ଼ଗାଁ ବ୍ଲକ ସଂଯୋଜକ ବସନ୍ତ କର, ନୟାଗଡର ବିମଳ ଦାସ ଓ ବାନାମ୍ବର ଖଟେଇ ପ୍ରମୁଖ ଯୋଗଦେଇ ଉତ୍ତରପ୍ରଦେଶ ଓ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଥିଲେ।

## କ୍ରିକେଟ୍ ଟୁର୍ନାମେଣ୍ଟ ଲାଗି ଗୋଷ୍ଠୀ ସଂଘର୍ଷ

**ପଟ୍ଟାମୁଣ୍ଡାଇ ୨୨।୧(ସ୍ୱ.ପ୍ର.)**

ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଷଣ୍ଢପଲ୍ଲୀ ଗ୍ରାମରେ ବୁଧବାର ଚାଲିଥିବା କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପନ ଉତ୍ସବ ଅବ୍ୟବହିତ ପୂର୍ବରୁ ସନ୍ଧ୍ୟାରେ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ସଂଘର୍ଷ ଘଟି ୨ ଜଣଙ୍କ ମୁଣ୍ଡ ଫାଟିଛି। ଆଉ କେତେଜଣ ଆହତ ହୋଇଛନ୍ତି। ଏହି ଘଟଣାକୁ ନେଇ ପୃଥକ୍ ଭାବେ ପଟ୍ଟାମୁଣ୍ଡାଇ ଥାନାରେ ୩ଟି ଏତଲା ଦାଏର ହୋଇଛି। ପୋଲିସ ଅଭିଯୋଗକୁ ଭିତ୍ତିକରି ତଦନ୍ତ ଆରମ୍ଭ କରିଛି। ଷଣ୍ଢପଲ୍ଲୀ ଗ୍ରାମରେ ଚାଲିଥିବା ମା' ବୁଢୀ ମଙ୍ଗଳା କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ଥିବାବେଳେ ରାଜନଗର ବିଧାୟକ ଧ୍ରୁବ ସାହୁ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗ ଦେବାର ଥିଲା। ଉଦ୍‌ଯାପନୀ ଉତ୍ସବର ଅବ୍ୟବହିତ ପୂର୍ବରୁ ବିଡି ଖାଇବାକୁ କେନ୍ଦ୍ରକରି ଗଣ୍ଡଗୋଳର ସୂତ୍ରପାତ ହୋଇଥିଲା। ଟୁର୍ନାମେଣ୍ଟର ସଭାପତି ଅଚ୍ଯୁତି ସାହୁଙ୍କ ଅଭିଯୋଗ ମୁତାବକ ବିଡି ଟାଣୁଥିବା ବ୍ୟକ୍ତିଙ୍କୁ ଟୁର୍ନାମେଣ୍ଟ ଦାୟିତ୍ୱରେ ଥିବା ସଭ୍ୟମାନେ ବାରଣ କରିବାରୁ ଗଣ୍ଡଗୋଳ ହୋଇଥିଲା। ଫଳରେ ଗେଟୁ ମଲିକ, ହିନୁ ମଲିକ ଓ ଟୁର୍ନାମେଣ୍ଟର ସଭ୍ୟ ସାଗର ସାମନ୍ତସିଂହାରଙ୍କ ମଧ୍ୟରେ ଗଣ୍ଡଗୋଳ ଘଟିଥିଲା। ସେଠାରେ ଉପସ୍ଥିତ ଥିବା ଭିନ୍ନ ଭିନ୍ନ ଗୋଷ୍ଠୀର ବ୍ୟକ୍ତିମାନେ ଏହି ଗଣ୍ଡଗୋଳରେ ସାମିଲ ହୋଇଯାଇଥିଲେ। ଫଳରେ ସାଗରଙ୍କୁ ଗଣ୍ଡଗୋଳରୁ ବଞ୍ଚାଇବାକୁ ଉଦ୍ୟମ କରୁଥିବା ଅମିତ ରଞ୍ଜନ ପାତ୍ରଙ୍କ ମୁଣ୍ଡ ଫାଟିଥିଲା। ଘଟଣାରେ ହସ୍ତକ୍ଷେପ କରି ସମାଧାନ କରିବାକୁ ଉଦ୍ୟମ କରୁଥିବା ଶରତ ମଲିକଙ୍କ ମୁଣ୍ଡ ପଛପଟୁ ଫାଟିଥିବା ନେଇ ତାଙ୍କ ସ୍ତ୍ରୀ ରଞ୍ଜିତା ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କୁ ମଧ୍ୟ ଗଣ୍ଡଗୋଳରେ ସମ୍ପୃକ୍ତ ବ୍ୟକ୍ତି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିବା ରଞ୍ଜିତା ଅଭିଯୋଗରେ ଦର୍ଶାଇଛନ୍ତି। ଟୁର୍ନାମେଣ୍ଟର ସଭାପତି ଅଚ୍ଯୁତି ଓ ମୁଣ୍ଡ ଫାଟିଥିବା ଅମିତ ମଧ୍ୟ ପୃଥକ୍ ଭାବେ ଏତଲା ଦାଏର କରିଛନ୍ତି। ଘଟଣାକୁ ନେଇ ଗ୍ରାମରେ ବୁଧବାରଠାରୁ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି ଲାଗି ରହିଛି। ଘଟଣା ଉପରେ ପୋଲିସ ତୀକ୍ଷ୍ଣ ନଜର ରଖିଛି।

## ୨୭ରୁ ଅନଶନରେ ବସିବାକୁ ସରପଞ୍ଚଙ୍କ ଚେତାବନୀ

**ବାଲିକୁଦା,୨୨।୧(ସ୍ୱ.ପ୍ର.)**

ବାଲିକୁଦା ବ୍ଲକରେ ଇଛାପୁର ନାମରେ ୨ ପଞ୍ଚାୟତରେ ୨ଟି ଗାଁ ରହିଛି। ଗୋଟିଏ ଇଛାପୁର ପଞ୍ଚାୟତରେ ଥିବାବେଳେ ଅନ୍ୟଟି ମରିଚପୁର ପଞ୍ଚାୟତରେ ରହିଛି। ଫଳରେ ଇଛାପୁର ପଞ୍ଚାୟତବାସୀ ବହୁ ସମୟରେ ବିଭିନ୍ନ ସରକାରୀ ସୁବିଧାରୁ ବଞ୍ଚିତ ହେଉଛନ୍ତି। ଏ ସମ୍ପର୍କରେ ବାରମ୍ବାର ଜିଲାପାଳଙ୍କ ନିକଟରେ ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଏନେଇ ଇଛାପୁର ସରପଞ୍ଚ ରମେଶ ସ୍ୱାଇଁ ୨୭ ଜାନୁୟାରୀରୁ ଅନଶନ ବସିବେ ବୋଲି ଜିଲାପାଳଙ୍କୁ ଶୁକ୍ରବାର ଲିଖିତ ଭାବେ ଅବଗତ କରାଇଛନ୍ତି।

## ନଦୀବନ୍ଧ ପଥର ପ୍ୟାକିଂ କାମ ନିମ୍ନମାନର

- ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ
- ୫୧ ଲକ୍ଷ ଟଙ୍କା ବ୍ୟୟ ଅଟକଳ

**ନାଉଗାଁ,୨୨।୧(ସ୍ୱ.ପ୍ର)**

ନାଉଗାଁ ବ୍ଲକ ଓଷକଣା ପଞ୍ଚାୟତ ଭଣ୍ଡିସାହି ଦେଇ ପ୍ରବାହିତ ଦେବୀ ନଦୀ ବନ୍ଧ ଦୁର୍ବଳ ହୋଇପଡିଥିବାରୁ ମରାମତି କାର୍ଯ୍ୟ ଚାଲିଛି। ବନ୍ୟା ଆସିଲେ ବନ୍ଧ ନ ଭାଙ୍ଗିବା ପାଇଁ ପଥର ପ୍ୟାକିଂ ଚାଲିଛି। ତେବେ ଏହି କାମ ନିମ୍ନମାନ ହୋଇଥିବା ଅଭିଯୋଗ ହୋଇଛି। ଜଳ ସମ୍ପଦ ବିଭାଗ ପକ୍ଷରୁ ୫୧ ଲକ୍ଷ ଟଙ୍କ ବ୍ୟୟ ବରାଦରେ ଏହି କାର୍ଯ୍ୟ କରାଯାଉଛି। ୨୬୦ ମିଟର ଲମ୍ବ ଓ ୧ ମିଟର ଚଉଡା ବିଶିଷ୍ଟ ଏହି କାମ ପାଇଁ ଉପରୋକ୍ତ ବ୍ୟୟ ଅଟକଳ କରାଯାଇଛି। କିନ୍ତୁ କାର୍ଯ୍ୟାଦେଶ ପାଇଥିବା ଠିକାଦାର ପୂର୍ବରୁ ପୁରୁଣା ପଥର ପ୍ୟାକିଂ ଉପରେ କିଛି ନୂଆ ପଥର ପକାଇ ମରାମତି କରୁଥିବା ଦେଖିବାକୁ ମିଳିଛି। ନଦୀ ମଧ୍ୟରେ ଥିବା ବନ୍ଧଠାରୁ ପଥର ପ୍ୟାକିଂ କରିବା ନିୟମ ରହିଥିଲେ ହେଁ ବନ୍ଧ ପାର୍ଶ୍ୱରୁ ବାଲି ଖୋଳି ପଥର ବସାଯାଇଛି। ଅପରପକ୍ଷେ କାର୍ଯ୍ୟର ମାନ ଯାଞ୍ଚ କରା ନ ଯାଇ ବିଲ କରାଯାଇଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଏନେଇ ସ୍ଥାନୀୟ ଅଞ୍ଚଳର ପ୍ରଶାନ୍ତ ସ୍ୱାଇଁ, କାହ୍ନୁ ସ୍ୱାଇଁ ,ଶ୍ରୀକାନ୍ତ ସ୍ୱାଇଁ ପ୍ରମୁଖ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ପୁରୁଣା ପଥର ଭିତରେ କେତେ ଖଣ୍ଡ ନୂଆ ପଥର ପକାଯାଇଥିବାରୁ ବର୍ଷା ଦିନେ କିମ୍ବା ନଦୀରେ ବନ୍ୟା ଆସିଲେ ପାଣି ମାଡ଼ରେ ଉକ୍ତ ପଥର ଖଣ୍ଡ ନଦୀ ମଧ୍ୟକୁ ଖସି ଯିବାର ଆଶଙ୍କା ରହିଛି। ଫଳରେ ବହୁ ଧନ ଜୀବନ ନଷ୍ଟ ହେବାର ଆଶଙ୍କା ରହିଛି। ପ୍ରତିବର୍ଷ ଜଳ ସମ୍ପଦ ବିଭାଗ ପକ୍ଷରୁ ଏହି ଦୁର୍ବଳ ନଦୀ ବନ୍ଧ ମରାମତି ନାଁରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଉଛି। ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ଦେବୀ ମିଶ୍ର କହିଛନ୍ତି, ଏଷ୍ଟିମେଟ୍ ଅନୁସାରେ କାର୍ଯ୍ୟ କରାଯାଉଛି।



ଦେବୀ ନଦୀବନ୍ଧରେ ପଥର ପ୍ୟାକିଂ କରାଯାଇଛି।

## ବର, ଅଶ୍ୱତ୍ଥ ଗଛ ବଞ୍ଚାଇବାର ନିଶା

- ୧୩ ମାସରେ ରୋପଣ କରିଛନ୍ତି ୬୦୫ ଚାରା
- ଦେଢ଼ ହଜାର ଗଛ ଲଗାଇବାକୁ ନିଷ୍ପତ୍ତି

**ନୟାଗଡ଼ ଅଫିସ,୨୨।୧**

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ଆଙ୍ଗିସିଙ୍ଗି ଗାଁର ସୁବାସ ନାୟକଙ୍କୁ ଘାରିଛି ବର ଓ ଅଶ୍ୱତ୍ଥ ଗଛ ଲଗାଇବାର ନିଶା। ସୁବାସ ପ୍ରତିଦିନ ସକାଳୁ ବର, ଅଶ୍ୱତ୍ଥ ଚାରା ସଂଗ୍ରହ କରିବାକୁ ବାଇକ୍‌ରେ ବାହାରିପଡ଼ନ୍ତି। ବିଭିନ୍ନ ସ୍ଥାନ ବୁଲିବା ପରେ ଯଦି ତାଙ୍କୁ ସେପରି ଚାରା ମିଳେ, ତାକୁ ସଂଗ୍ରହ କରନ୍ତି। ଏହାପରେ ସେହି ଚାରାକୁ ରୋପଣ କରିବାକୁ ଶ୍ମଶାନ କିମ୍ବା ରାସ୍ତାକଡ଼ ବାଛିଥାନ୍ତି। ୧୩ ମାସ ହେଲା ସୁବାସ ବର ଓ ଅଶ୍ୱତ୍ଥ ଚାରା ରୋପଣ ଆରମ୍ଭ କରିଛନ୍ତି। ପ୍ରାଥମିକ ପର୍ଯ୍ୟାୟରେ ଦେଢ଼ ହଜାର ଗଛ ଲଗାଇବାକୁ ସେ ନିଷ୍ପତ୍ତି ନେଇଛନ୍ତି। ଇତିମଧ୍ୟରେ ସେ ମୋଟ ୬୦୫ ଚାରା ଶ୍ମଶାନ, ନଦୀକୂଳ, ରାସ୍ତାକଡ଼ରେ ଲଗାଇ ସାରିଛନ୍ତି ବୋଲି କହିଛନ୍ତି।

ଏ ନେଇ ସୁବାସ କୁହନ୍ତି, ବିଭିନ୍ନ କାରଣରୁ ଛାୟାପ୍ରଦ ବର ଓ ଅଶ୍ୱତ୍ଥ ଗଛ ରାସ୍ତାପାର୍ଶ୍ୱ, ଖୋଲା ପଡ଼ିଆ, ଶ୍ମଶାନ ଆଦି ସ୍ଥାନରୁ କମିବାରେ ଲାଗିଛି। ସେଥିପାଇଁ ସେହି ଗଛ ଲଗାଇବା ନିଶା ମୋ ମନକୁ ଆସିଥିଲା। ଏଣୁ ସେ ଗୁଞ୍ଜାବାରଣ, ଗୋଡିପଡା, ବାଉଁଶିଆ, ଦୁର୍ଗାପ୍ରସାଦ, କରଡାଶାସନ, ଅସୁରଡିପା, ଆଙ୍ଗିସିଙ୍ଗି, ବଡଗୋରଡା ସମେତ ନୟାଗଡ଼ ଜିଲାର ବିଭିନ୍ନ ଶ୍ମଶାନରେ ବର ଓ ଅଶ୍ୱତ୍ଥ ଗଛ ଲଗାଇଛନ୍ତି। ବିଭିନ୍ନ ରାସ୍ତାପାର୍ଶ୍ୱରେ ସେ ଏପରି ବୃକ୍ଷ ରୋପଣ କରିଛନ୍ତି। ବର ଓ ଅଶ୍ୱତ୍ଥ ଗଛ ବିଳମ୍ବରେ ବଢ଼ିବା ସମ୍ପର୍କରେ ସେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରନ୍ତି। ସେପରି ଚାରାକୁ ଥାନା, ଫାଣ୍ଡି ଓ ସରକାରୀ କାର୍ଯ୍ୟାଳୟର ଅଧିକାରୀଙ୍କୁ ଉପହାର ଭାବେ ଦେଇଥାନ୍ତି। ଚାରା ବଡ଼ ହେଲେ ରୋପଣ କରିବାକୁ ପରାମର୍ଶ ଦେଇଥାନ୍ତି। ବିଳମ୍ବରେ ବଢୁଥିବା ଉପକାରୀ ଗଛକୁ ନଷ୍ଟ ନ କରିବାକୁ ସେ ଅନୁରୋଧ କରନ୍ତି। ଏବେ ସୁବାସଙ୍କ କଥାକୁ ଲୋକେ ହୃଦୟଙ୍ଗମ କଲେଣି। ଆଗ୍ରହ ସହକାରେ ସେମାନେ ଚାରା ରୋପଣରେ ସହାୟକ ହେଉଛନ୍ତି ବୋଲି ସେ କହିଛନ୍ତି। ଚାରା ରୋପଣ ପରେ କିଛି ଗଛ ମରିଯାଉଛି। ସେଥିପାଇଁ ସେ ୧୫୦ରୁ ଊର୍ଦ୍ଧ୍ୱ ଚାରା ସଂଗ୍ରହ କରି ଘରେ ରଖିଛନ୍ତି। ଆବଶ୍ୟକସ୍ଥଳେ ଚାରାକୁ ରୋପଣ କରୁଛନ୍ତି।



ସୁବାସ ଲୋକଙ୍କୁ ଚାରା ବଣ୍ଟନ କରୁଛନ୍ତି।

ବର ଓ ଅଶ୍ୱତ୍ଥ ବୃକ୍ଷକୁ ହିନ୍ଦୁ ଧର୍ମାବଲମ୍ବୀମାନେ ପୂଜା କରନ୍ତି। ଏପରି କି ପରମ୍ପରା ଅନୁଯାୟୀ ବର-ଅଶ୍ୱତ୍ଥ ବିବାହ ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହୋଇଥାଏ। ଛାୟା ପ୍ରଦାନ ସହିତ ଅନ୍ୟ ବୃକ୍ଷମାନଙ୍କଠାରୁ ସର୍ବାଧିକ ଅମ୍ଳଜାନ ଦେଉଥିବା ଏପରି ବୃକ୍ଷର ସଂଖ୍ୟା ନୟାଗଡ଼ ଜିଲାରେ ଧୀରେ ଧୀରେ ହ୍ରାସ ପାଇବାରେ ଲାଗିଛି। ଏପରି ବହୁ ପୁରାତନ ଗଛକୁ ରାସ୍ତା ପ୍ରଶସ୍ତୀକରଣ ଯୋଗୁ କଟାଯାଉଥିଲେ ହେଁ ନୂଆ କରି ରୋପଣ କରାଯାଉନାହିଁ। ସେହିପରି ପରିତ୍ୟକ୍ତ ସ୍ଥାନ ଓ ଛାତ ବାଡ଼ରେ ଉଠୁଥିବା ଗଛକୁ ଅଦରକାରୀ ଭାବି କାଟି ଦିଆଯାଉଛି। ପରିବେଶ ପାଇଁ ବର ଓ ଅଶ୍ୱତ୍ଥ ଗଛର ଆବଶ୍ୟକତା ଥିଲେ ହେଁ ଏଥିପ୍ରତି ଅଣଦେଖା କରାଯାଉଛି ବୋ ସୁବାସ କହିଛନ୍ତି।

## ତହସିଲ ପକ୍ଷରୁ ଚଢ଼ାଉ, ୩ ଗାଡ଼ି ଜବତ

**ଧର୍ମଶାଳା,(ଡି.ଏନ.ଏ.):** ଧର୍ମଶାଳା ତହସିଲ ଅଧୀନ ଆରୁହା ଓ ଶ୍ୟାମସୁନ୍ଦର ପାହାଡ଼ରେ ଶୁକ୍ରବାର ବେଆଇନ ଖନନ ହେଉଥିବା ଖବର ପାଇ ଧର୍ମଶାଳା ତହସିଲଦାର ଓ ଅନ୍ୟମାନେ ଚଢ଼ାଉ କରିଥିଲେ। ଏହି ସମୟରେ ଗୋଟିଏ କମ୍ପ୍ରେସର, ୨ କଳାପଥର ବୋଝେଇ ଟ୍ରାକ୍ଟର ଓ ଗୋଟିଏ ଟିପ୍ପର ଜବତ କରି ଚଢ଼େଇଧରା ଫାଣ୍ଡିରେ ଜିମା ଦେଇଛନ୍ତି। ତହସିଲଦାର ପ୍ରଶାନ୍ତ ସାମନ୍ତରାୟ, ଆରୁହା ଆର୍‌ଆଇ ଜଗବନ୍ଧୁ ଜେନା, ଡଙ୍କାରୀ ଏଆର୍‌ଆଇ୍ ମନୋଜ ସାମଲ ଓ ନାକପୋଲ ଏଆର୍‌ଆଇ ଚନ୍ଦନ ସାହୁ ପ୍ରମୁଖ ଚଢ଼ାଉ କରିଥିଲେ। ଜବତ ଗାଡ଼ିଗୁଡ଼ିକଠାରୁ ଜରିମାନା ଆଦାୟ ହେବ ବୋଲି ତହସିଲଦାର ସୂଚନା ଦେଇଛନ୍ତି।

### ସଂକ୍ଷେପରେ

## ଆଲୋକିତ ହେଲା ଚିନିକଳ: ସୁରକ୍ଷା ପାଇଁ ଲାଗିଲା ସିସିଟିଭି

**ନୟାଗଡ ଅଫିସ,୨୨।୧:** ନୟାଗଡ ଜିଲାପାଳ, ଏସ୍‌ପିଙ୍କ ପରିଦର୍ଶନ ପରେ ପାଣିପୋଇଲାସ୍ଥିତ ନୟାଗଡ ଚିନିକଳ ଶୁକ୍ରବାର ଆଲୋକିତ ହୋଇଛି। ବିଦ୍ୟୁତ୍ କାର୍ଯ୍ୟ ସମ୍ପୂର୍ଣ୍ଣ ଭାବେ ଶେଷ ହୋଇପାରିନି। ସେହିପରି ସିସିଟିଭି ଲାଗାଯାଇଛି। ଅନ୍ୟ କାମ ସବୁ ଚାଲୁ ରହିଛି। ପୁଣି ନୟାଗଡ ସଦର ଥାନା ପୋଲିସ ପାଟ୍ରୋଲିଂ କରି ସୁରକ୍ଷା ଦେଉଛି। ତେବେ ଏହି ସୁରକ୍ଷା ଆଗରୁ ଦେଇଥିଲେ ପ୍ରାୟ ୨୫ କୋଟି ଟଙ୍କାର ଚୋରିକୁ ରୋକାଯାଇ ପାରିଥାନ୍ତା ବୋଲି କୁହାଯାଇଛି। ଅନ୍ୟ କେତେଜଣ କହିଛନ୍ତି ଏହି ସୁରକ୍ଷା ସତ୍ୟପାଠ ଦାଖଲ ପର୍ଯ୍ୟନ୍ତ ହେବ ନାଁ ସବୁ ଦିନ କରାଯିବ। ତେବେ ଚିନିକଳର ସୁରକ୍ଷା ପାଇଁ କ'ଣ କରାଯିବ ପ୍ରଶାସନିକ ସ୍ତରରେ କେହି ସୂଚନା ଦେଉନାହାନ୍ତି।

## ସଡ଼କ ସୁରକ୍ଷା ସଚେତନତା ସାଇକେଲ ଶୋଭାଯାତ୍ରା

**ଚଣ୍ଡିଖୋଲ,୨୨।୧(ଡି.ଏନ.ଏ.):** ୩୨ତମ ଜାତୀୟ ସଡ଼କ ସୁରକ୍ଷା ମାସର ୫ମ ଦିନରେ ଚଣ୍ଡିଖୋଲସ୍ଥିତ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା ସାଇକେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ଶୋଭାଯାତ୍ରାରେ ବିଭିନ୍ନ ଅନୁଷ୍ଠାନ ଓ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ଚଣ୍ଡିଖୋଲ ବଜାର ପରିକ୍ରମା କରିଥିଲେ। ସାଇକେଲ ଆରୋହୀ ସଡ଼କ ସୁରକ୍ଷା ସମ୍ପର୍କିତ ବିଭିନ୍ନ ପ୍ଲାକାର୍ଡ ଧରି ପଥଚାରୀ ଓ ଗାଡ଼ି ମୋଟର ଆରୋହୀଙ୍କୁ ସଚେତନ କରାଇଥିଲେ। ଶୋଭାଯାତ୍ରାକୁ ଅତିରିକ୍ତ ଜିଲାପାଳ ଅକ୍ଷୟ କୁମାର ମଲ୍ଲିକ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ଯୋଗ ଦେଇଥିଲେ। ଏହି ଅବସରରେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ଚଣ୍ଡିଖୋଲ ଟ୍ରକ୍ ମାଲିକ ସଂଘ ପରିସରରେ ଏକ ଚକ୍ଷୁ ଚିକିତ୍ସା ଶିବିର ହୋଇଥିଲା। ଡ. ମହେଶ୍ୱର ବିଶ୍ୱାଳଙ୍କ ନେତୃତ୍ୱରେ ଶିବିରରେ ଶତାଧିକ ଟ୍ରକ୍ ଚାଳକ ଓ ଖଲାସି ଚକ୍ଷୁ ପରୀକ୍ଷା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଞ୍ଚଳିକ ପରିବହନ ଅଧିକାରୀ କେଶବ ଚନ୍ଦ୍ର ନାୟକ, ଅତିରିକ୍ତ ଆରଟିଓ ଲକ୍ଷ୍ମୀଧର ରାଉତ, ମହାବିନାୟକ ଲଘୁ ଖଣିଜ ପରିବହନ ସଂଘ ସଭାପତି ଅଜାମ୍ବର ସାହୁ, ଚଣ୍ଡିଖୋଲ ଟ୍ରକ୍ ମାଲିକ ସଂଘ ସଭାପତି ସନ୍ତୋଷ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ଦୁର୍ବଳ ପ୍ରଦର୍ଶନକାରୀ ସ୍କୁଲକୁ ଇକୋ କ୍ଲବ୍‌ରୁ ବାଦ

**ଯାଜପୁର ଅଫିସ,୨୨।୧:** ପ୍ଲାଷ୍ଟିକ, ପଲିଥିନ ଇତ୍ୟାଦିର ପ୍ରତିହତ ପାଇଁ ପଦକ୍ଷେପ ନିଆଯିବ। ଏହାସହ ଇକୋ କ୍ଲବ୍‌ଗୁଡିକର କାର୍ଯ୍ୟ ସମୀକ୍ଷା କରାଯିବ। ଦୁର୍ବଳ ପ୍ରଦର୍ଶନ କରୁଥିବା କ୍ଲବ୍‌ଗୁଡ଼ିକୁ ବାଦ ଦେଇ ନୂଆ ଇକୋ କ୍ଲବ ଭାବେ ନୂତନ ବିଦ୍ୟାଳୟକୁ ସାମିଲ ପାଇଁ ନିଷ୍ପତ୍ତି ନିଆଯାଇଛି। ଜିଲା ପରିବେଶ ସମିତି ପକ୍ଷରୁ ଗୁରୁବାର ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଜିଲା କାର୍ଯ୍ୟକାରିଣୀ ଓ ପର୍ଯ୍ୟାଲୋଚନା କମିଟି ବୈଠକରେ ଏହିସବୁ ନିଷ୍ପତ୍ତି ନିଆଯାଇଛି। ଅତିରିକ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ବିଦ୍ୟାଳୟସ୍ତରରୁ ପରିବେଶ ସଚେତନତା ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ସଚେତନ କରାଇବାକୁ ଗୁରୁତ୍ୱ ପ୍ରକାଶ ପାଇଥିଲା। ବିଗତ ବୈଠକଗୁଡ଼ିକର ନିଷ୍ପତ୍ତିଗୁଡିକୁ କାର୍ଯ୍ୟକାରୀ କରିବା, ପରିବେଶ ସମିତିର ସଦସ୍ୟ ସଂଖ୍ୟା ବୃଦ୍ଧି କରିବା, ପରିବେଶ ସୁରକ୍ଷା, ବୃକ୍ଷରୋପଣ ଓ ନୂଆ ପ୍ରକଳ୍ପଗୁଡିକର କାର୍ଯ୍ୟକାରିତା ଅନୁଶୀଳନ କରି ସେଗୁଡ଼ିକୁ ପୁରସ୍କୃତ କରିବାକୁ ସ୍ଥିର ହୋଇଛି। ପ୍ରାରମ୍ଭରେ ପରିବେଶ ସମିତିର ସମ୍ପାଦକ ଶରତ କୁମାର ସାହୁ ବାର୍ଷିକ ବିବରଣୀ ଓ ଆୟବ୍ୟୟର ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯାଜପୁର ପୌର ନିର୍ବାହୀ ଅଧିକାରୀ ଅଜୟ କୁମାର ମହାନ୍ତି, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ ସେଠୀ, ପ୍ଲାଣ୍ଟ ପ୍ରୋଟେକ୍ସନ ଅଧିକାରୀ ଶ୍ରୀଧର ଦାସ ପ୍ରମୁଖ ଯୋଗଦେଇଥିଲେ । ସମିତି ଯୁଗ୍ମ ସମ୍ପାଦକ ମଳୟ କୁମାର ମିତ୍ର ଧନ୍ୟବାଦ ଦେଇଥିଲେ।

## ଶତାୟୁ ମହିଳାଙ୍କ ପରଲୋକ

ଡେରାବିଶ, ୨୨।୧(ସ୍ୱ.ପ୍ର.): ଡେରାବିଶ ବ୍ଲକ ଏଣ୍ଡର ପଞ୍ଚାୟତ ଅରାଖଣ୍ଡ ଗାଁର ଶତାୟୁ ସଖୀ ସାମଲ(୧୦୧)ଙ୍କ ଗୁରୁବାର ମୃତ୍ୟୁ ଘଟିଛି। ସଖୀ ଡେରାବିଶ ପଞ୍ଚାୟତ ସମିତିର ପ୍ରାକ୍ତନ ଉପାଧ୍ୟକ୍ଷ ବଟକୃଷ୍ଣ ସାମଲଙ୍କ ମା'। ସେ ଜଣେ ପରୋପକାରୀ, ସ୍ନେହୀ ଓ ଧର୍ମପରାୟଣା ମହିଳା ଭାବେ ସମସ୍ତଙ୍କ ପ୍ରିୟ ଥିଲେ।

# ରତ୍ନଗର୍ଭାରୁ ମୁହଁ ଫେରାଉଛନ୍ତି ପର୍ଯ୍ୟଟକ

**ବରୀ,୨୨।୧(ଡି.ଏନ.ଏ.)**



■ମୌଳିକ ସୁବିଧା ନାହିଁ
■ଉନ୍ନତୀକରଣ ହୋଇପାରୁନି

ଯାଜପୁର ଜିଲାର ବିଶ୍ୱପ୍ରସିଦ୍ଧ ରତ୍ନଗିରି, ଉଦୟଗିରି ଓ ଲଳିତଗିରି ବୌଦ୍ଧପୀଠ ମଧ୍ୟରେ ରତ୍ନଗିରିର ରହିଛି ସ୍ୱତନ୍ତ୍ର ପରିଚୟ। ରତ୍ନଗର୍ଭା ବୋଲି କୁହାଯାଉଥିବା ଏହି ବୌଦ୍ଧପୀଠରେ ନାନା ସମସ୍ୟା ରହିଥିବାରୁ ଏଠାକୁ ଆସୁଥିବା ପର୍ଯ୍ୟଟକଙ୍କ ସଂଖ୍ୟା କମିବାରେ ଲାଗିଛି। ଫଳରେ ଏହାକୁ ନେଇ ବୁଦ୍ଧିଜୀବୀ ଓ ପର୍ଯ୍ୟଟକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ବୌଦ୍ଧପୀଠରେ ଥିବା କୀର୍ତ୍ତିରାଜି, କାରୁକାର୍ଯ୍ୟରେ ଦେଶ ତଥା ବିଦେଶର ପର୍ଯ୍ୟଟକ, ବୌଦ୍ଧ ଗବେଷକ ଆକୃଷ୍ଟ ହୋଇ ଏଠାକୁ ଆସିଥାନ୍ତି। ହେଲେ ଉକ୍ତ ସୌନ୍ଦର୍ଯ୍ୟପୂର୍ଣ୍ଣ ବୌଦ୍ଧପୀଠର ରକ୍ଷଣାବେକ୍ଷଣ ଅଭାବରୁ ଏଠାରେ ଥିବା ବହୁ କୀର୍ତ୍ତିରାଜି ନଷ୍ଟ ହୋଇଗଲାଣି। ଏହାର ଚତୁଃପାର୍ଶ୍ୱରେ ଅନାବନା ଗଛ ଉଠି ଏହାର ସୌନ୍ଦର୍ଯ୍ୟ ମଧ୍ୟ ନଷ୍ଟ ହେବାକୁ ବସିଲାଣି। ପର୍ଯ୍ୟଟକଙ୍କ ପାଇଁ ପ୍ରତ୍ନତାତ୍ତ୍ୱିକା ବିଭାଗ ପକ୍ଷରୁ ଶୌଚାଳୟ ନିର୍ମାଣ କରାଯାଇଥିଲେ ମଧ୍ୟ ସେଥିରେ ତାଲା ପଡ଼ିଛି। ଫଳରେ ମହିଳା ପର୍ଯ୍ୟଟକ ଶୌଚଯିବାକୁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏତଦ୍‌ବ୍ୟତୀତ ଏଠାରେ ପର୍ଯ୍ୟଟକଙ୍କ ରହିବା,ଖାଇବା ବ୍ୟବସ୍ଥା ନାହିଁ। ଘରୋଇ ହୋଟେଲରେ ରହିବା ଓ ଖାଇବା ଖର୍ଚ୍ଚ ଅଧିକ ହୋଇଥିବାରୁ ଏହି ଅର୍ଥ ପଇଠ କରିବାକୁ ପର୍ଯ୍ୟଟକ ବାଧ ହେଉଛନ୍ତି। ଏହି ଐତିହାସିକ ସ୍ଥାନର ଐତିହ୍ୟକୁ ସୁରକ୍ଷା ପାଇଁ ପ୍ରତ୍ନତାତ୍ତ୍ୱିକ ବିଭାଗ ତରଫରୁ କୋଟିକୋଟି ଟଙ୍କା ବ୍ୟୟ କରାଯାଇ ଯେଉଁ ପାଚେରି କରାଯାଇଛି ତାହା ନିମ୍ନମାନର ହୋଇଥିବା ଅଭିଯୋଗ ହୋଇଛି। ପାଚେରି କାର୍ଯ୍ୟ ଅର୍ଦ୍ଧନିର୍ମିତ ଅବସ୍ଥାରେ ଥିବାରୁ ବୁଲା ଗୋରୁ ପଶି ଫୁଲ ଗଛଗୁଡିକୁ ନଷ୍ଟ କରୁଛନ୍ତି।

ଏଠାରେ ପାର୍କିଂ ସୁବିଧା ନ ଥିବାରୁ ରତ୍ନଗିରି ମୁଖ୍ୟ ବଜାରଠାରେ ଗାଡି ରଖି ଛାତ୍ରୀଛାତ୍ର ଓ ପର୍ଯ୍ୟଟକ ଚାଲିଚାଲି ଆସୁଛନ୍ତି। ଅନ୍ୟପକ୍ଷରେ ପର୍ଯ୍ୟଟକ ନେଇ ଆସୁଥିବା ଗାଡ଼ି ରତ୍ନଗିରି ବଜାରରେ ପାର୍କିଂ କରୁଥିବାରୁ ଟ୍ରାଫିକ ସମସ୍ୟା ମଧ୍ୟ ଉପୁଜୁଥିବା ଦେଖିବାକୁ ମିଳୁଛି। ବିଭାଗ ତରଫରୁ ପୀଠରେ ଥିବା ମହାକାଳ ମନ୍ଦିରକୁ ଭଙ୍ଗାଯାଇ ନୂତନ ମନ୍ଦିର କରିବାକୁ ପ୍ରତିଶ୍ରୁତି ଦିଆଯାଇଛି। ହେଲେ ୨୦ ବର୍ଷ ହେଲା ମନ୍ଦିର କାମ ଅର୍ଦ୍ଧନିର୍ମିତ ହୋଇରହିଛି। ସରକାରଙ୍କ ପକ୍ଷରୁ ବୌଦ୍ଧ କୀର୍ତ୍ତିରାଜିର ରକ୍ଷଣାବେକ୍ଷଣ ନିମନ୍ତେ କୋଟିକୋଟି ଟଙ୍କା ବ୍ୟୟ କରାଯାଉଥିଲେ ବି ଏହାର ସୁଫଳ ମିଳୁ ନ ଥିବାରୁ ବୁଦ୍ଧିଜୀବୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ତେଣୁ ଏଦିଗରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ଦାବି ହୋଇଛି। ତେବେ ଏହାର ଉନ୍ନତୀକରଣ ଲାଗି ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ଚିଠି ଲେଖିଥିବା କହିଛନ୍ତି। ରତ୍ନଗିରିର ଉନ୍ନୟନମୂଳକ ଓ ରକ୍ଷଣାବେକ୍ଷଣ କାର୍ଯ୍ୟ ପାଇଁ ଆସୁଥିବା ଅର୍ଥର ଠିକ୍ ବିନିଯୋଗ ହୋଇ ପାରୁ ନ ଥିବାରୁ ଏଭଳି ଅବସ୍ଥା ସୃଷ୍ଟି ହୋଇଛି ବୋଲି କଂଗ୍ରେସ ନେତା ଉମେଶ ଜେନା ମତ ରଖିଛନ୍ତି। ସେହିପରି ରତ୍ନଗିରିକୁ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ବିକାଶ କାର୍ଯ୍ୟ ଚାଲିଛି। ଆଗାମୀ ଦିନରେ ରତ୍ନଗର୍ଭା ବରୀ ଅଞ୍ଚଳ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିବ ବୋଲି ବରୀ ବିଧାୟିକା ସୁନନ୍ଦା ଦାସ ପ୍ରତିକ୍ରିୟା ରଖିଛନ୍ତି।

# ବାଲିଘାଟ ନିଲାମ ବାତିଲ ଦାବି କଲେ ମହିଳା



ତହସିଲଦାରଙ୍କୁ ମହିଳାମାନେ ଦାବିପତ୍ର ପ୍ରଦାନ କରୁଛନ୍ତି।

**ରସୁଲପୁର,୨୨।୧(ଡି.ଏନ.ଏ.)**

ରସୁଲପୁର ତହସିଲ ଅଧୀନ ବାହାଦଲାପୁର ପଞ୍ଚାୟତ ଖରସ୍ରୋତା ନଦୀର ସରିଫାବାଦ ବାଲିଘାଟକୁ ବାତିଲ କରିବା ପାଇଁ ଦାବି ହୋଇଛି। ଏନେଇ ଶୁକ୍ରବାର ଶତାଧିକ ମହିଳା ରସୁଲପୁର ତହସିଲଦାର ଜ୍ୟୋତିକାନ୍ତ ଭୁଜବଳ, ବିଡିଓ ଉମାକାନ୍ତ ପରିଡ଼ା ଓ କୁଆଖିଆ ଥାନା ଅଧିକାରୀ ମନୋଜ ସ୍ୱାଇଁଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି।

ମହିଳାମାନେ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ଏହି ଘାଟରୁ ବାଲି ପରିବହନ ସରିଫାବାଦ ଗ୍ରାମର ଚଣ୍ଡିପଡିଆ ଦେଇ କରାଯାଉଛି। ଏହାଦ୍ୱାରା ପଡ଼ିଆ ପାର୍ଶ୍ୱରେ ଥିବା ଗିରିଧାରୀ ପାର୍ବତୀ ହାଇସ୍କୁଲ, ପ୍ରାଥମିକ ବିଦ୍ୟାଳୟ, ଅଙ୍ଗନୱାଡି ଗୃହ, ମନ୍ଦିର, ଦୋଳ ମେଲଣ ଆଦି ଅନୁଷ୍ଠାନର କ୍ଷତିଘଟୁଛି। ଏହାଛଡା ଉକ୍ତ ପଡିଆ ପଞ୍ଚାୟତର ମଧ୍ୟସ୍ଥଳରେ ଥିବା ଏକମାତ୍ର ଖେଳପଡିଆ। ମହିଳା ସଂଘର ନାନା ବୈଠକ ଏହି ପଡିଆରେ କରାଯାଉଛି। ବାଲି ପରିବହନ ହେଲେ ଉକ୍ତ ପଡିଆ ନଷ୍ଟ ହୋଇଯିବା ସହ ଧନଜୀବନ ପ୍ରତି ବିପଦ ସୃଷ୍ଟି ହେବ। ଜନସାଧାରଣଙ୍କ ସ୍ୱାର୍ଥ ପ୍ରତି ହାନୀ ପହଞ୍ଚାଇବ। ଏଦିଗରେ ସ୍ୱୟଂସହାୟିକା ଗୋଷ୍ଠୀ ମହିଳାମାନେ ପୂର୍ବବର୍ଷ ସରପଞ୍ଚଙ୍କ ଜରିଆରେ ପ୍ରଶାସନକୁ ଅବଗତ କରାଇଥିଲେ। ଏଥିରେ କୌଣସି ପରିବର୍ତ୍ତନ ହୋଇ ନ ଥିବା ଜାଣି ପୁଣି ୩୦ରୁ ଊର୍ଦ୍ଧ୍ୱ ଗୋଷ୍ଠୀର ମହିଳା ବିରୋଧ କରିବାକୁ ଅଣ୍ଟା ଭିଡିଛନ୍ତି। ଏ ଦିଗରେ କୌଣସି ପରିବର୍ତ୍ତନ ନ ହେଲେ ସଂଘ ସଦସ୍ୟାମାନେ ଆନ୍ଦୋଳନାତ୍ମକ ପନ୍ଥା ଆପଣେଇବ ବୋଲି ଚେତାବନୀ ଦେଇଛନ୍ତି। ଏହାଛଡ଼ା ପଡିଆର ଏକ ପାର୍ଶ୍ୱରେ ପଞ୍ଚାୟତସ୍ତରୀୟ ମହିଳା ଫେଡରଶନ ଗୃହ ନିର୍ମାଣ ପାଇଁ ପ୍ରଶାସନ ଅନୁମତି ପ୍ରଦାନ କଲେ ମହିଳା ଉପକୃତ ହୋଇପାରନ୍ତେ। ତେଣୁ ଏଦିଗରେ ପ୍ରଶାସନ ସହାୟକ ହେବାକୁ ମହିଳାମାନେ ଅନୁରୋଧ କରିଛନ୍ତି।

# ବ୍ୟାସନଗର ସ୍ୱୟଂଶାସିତ କଲେଜରେ ଛାତ୍ର ଅଶାନ୍ତି

**ଯାଜପୁର ଅଫିସ,୨୨।୧**

**ଫି ବୃଦ୍ଧିକୁ ନେଇ ପିଜି ଛାତ୍ରୀଛାତ୍ରଙ୍କ ଆନ୍ଦୋଳନ ଚେତାବନୀ**

ଯାଜପୁର ଜିଲାର ଅନ୍ୟତମ ପ୍ରମୁଖ ଶିକ୍ଷାନୁଷ୍ଠାନ ବ୍ୟାସନଗର ସ୍ୱୟଂଶାସିତ କଲେଜରେ ଛାତ୍ରୀଛାତ୍ର ଅଶାନ୍ତି ଦେଖାଦେଇଛି। ଫି' ବୃଦ୍ଧିକୁ ନେଇ ପିଜି ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଅଭିଯୋଗ ଅନୁସାରେ ନାମଲେଖା ସମୟରେ ଦୁଇବର୍ଷ ପାଇଁ ୨୫ ହଜାର ଟଙ୍କା ଦେବାକୁ ନିର୍ଦ୍ଧାରିତ ହୋଇଥିଲା। ବର୍ତ୍ତମାନ ଏହାକୁ ବୃଦ୍ଧି କରି ୨୭ହଜାର ଟଙ୍କା ଦେବାକୁ କଲେଜ କର୍ତ୍ତୃପକ୍ଷ ନୋଟିସ ଜାରି କରିଛନ୍ତି। ଏହାକୁ ନେଇ ଛାତ୍ରୀଛାତ୍ରମାନେ କଲେଜ ଅଧ୍ୟକ୍ଷଙ୍କୁ ଦେଖାକରି ୨୫ହଜାର ଟଙ୍କାରେ ଫି' ସୀମିତ ରଖିବାକୁ ଅନୁରୋଧ କରିଛନ୍ତି। ନଚେତ୍ ଆଗାମୀ ଦିନରେ ବ୍ୟାପକ ଛାତ୍ର ଆନ୍ଦୋଳନ ହେବ ବୋଲି ବାଣିଜ୍ୟ, ରାଜନୀତି ବିଜ୍ଞାନ ଓ ଇତିହାସ ବିଭାଗର ୪୫ ଜଣ ଛାତ୍ରୀଛାତ୍ର ଲିଖିତ ଭାବେ ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷେ କଲେଜରେ ଅଧ୍ୟାପକ ଓ କର୍ମଚାରୀଙ୍କ ନିଯୁକ୍ତିରେ ହୋଇଥିବା ଅନିୟମିତତାକୁ ନେଇ ଗୋଷ୍ଠୀ ବିବାଦ ଦେଖାଦେଇଛି। ନିକଟରେ ନିଯୁକ୍ତି ଜାଲିଆତିରେ ୨ ଅଧ୍ୟାପକ ଏବଂ ଜଣେ ଅଧ୍ୟାପିକାଙ୍କ ସରକାରୀ ଅନୁଦାନ ପ୍ରତ୍ୟାହାର ହେବାପରେ ସମସ୍ତଙ୍କ ଚେତା ପଶିଛି। ଆଉ କେତେଜଣ ଅଧ୍ୟାପକ ଅଧ୍ୟାପିକାଙ୍କ ଏଭଳି ଜାଲିଆତିରେ ସମ୍ପୃକ୍ତି ଥିବା ଏବେ ଚର୍ଚ୍ଚା ଜୋର ଧରିଛି। ତତ୍କାଳୀନ ପରିଚାଳନା କମିଟି କେତେଜଣ ଅଧ୍ୟାପକଙ୍କ ଚାକିରିକୁ ବୈଧ କରିବା ପାଇଁ ସରକାରଙ୍କୁ ସୁପାରିସ କରିଥିଲେ। ତେଣୁ କେବଳ ୩ ଜଣଙ୍କ ନିଯୁକ୍ତି କେମିତି ଜାଲ ହେଲା ବୋଲି ଏବେ ପ୍ରଶ୍ନ ଉଠିଛି। ଅନ୍ୟପକ୍ଷେ କଲେଜରେ ଆଲୋକୀକରଣ ଓ ପାନୀୟ ଜଳ ସମସ୍ୟା ଲାଗି ରହିଥିବାରୁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅସନ୍ତୋଷ ଉଦ୍‌ବେଗଜନକ ସ୍ଥିତିରେ ପହଞ୍ଚିଥିବା କେତେଜଣ ଛାତ୍ରୀଛାତ୍ର ପ୍ରକାଶ କରିଛନ୍ତି। ଏ ସଂକ୍ରାନ୍ତରେ କଲେଜର ଅଧକ୍ଷ ଶିବଚରଣ ମାଝିଙ୍କ ସହ ଯୋଗାଯୋଗ ସମ୍ଭବ ହୋଇ ପାରିନାହିଁ।

# ଦ୍ୱିତୀୟ ବିବାହ ପାଇଁ ଉଦ୍ୟମ, ସ୍ୱାମୀ ଗିରଫ

**ଭାପୁର,୨୨।୧(ଡି.ଏନ.ଏ.)**

ନୟାଗଡ ଜିଲା ଫତେଗଡ ଥାନା ଅଧୀନ ଜନୈକା ନାବାଳିକାଙ୍କୁ ଚିନ୍ତାମଣୀ ବରାଡ(ମିଟୁ) ଏକ ତରଫା ପ୍ରେମ କରି ବିବାହ ପାଇଁ ପ୍ରସ୍ତାବ ଦେଇଥିଲେ। ମାତ୍ର ସେତେବେଳେ ନାବାଳିକାଙ୍କୁ ୧୫ ବର୍ଷ ହୋଇଥିବାରୁ ତାଙ୍କ ବାପା ରାଜି ହୋଇ ନ ଥିଲେ। ଏହାର କିଛିଦିନ ପରେ ନାବାଳିକାଙ୍କ ମା'ବାପା ଘରେ ନ ଥିଲେ।

**ନାବାଳିକାଙ୍କୁ ବିବାହ ପରେ ପ୍ରତାରଣା**

ଏହାର ସୁଯୋଗ ନେଇ ପ୍ରେମିକ ଚିନ୍ତାମଣି ନାବାଳିକାଙ୍କୁ ଘରୁ ଜୋର ଜବରଦସ୍ତ ଉଠାଇନେଇ ଫେରାର ହୋଇଯାଇଥିଲା। ନାବାଳିକାଙ୍କ ଅନିଚ୍ଛା ସତ୍ତ୍ୱେ ତାଙ୍କ ସହ ସମ୍ପର୍କ ରଖିଥିଲେ। ପରେ ନାବାଳିକାଙ୍କ ମା'ବାପା ଅପନିନ୍ଦାରରୁ ବଞ୍ଚିବା ପାଇଁ ଝିଅର ବିବାହରେ ରାଜି ହୋଇଥିଲେ। କିଛିଦିନ ପରେ ଶ୍ୱଶୁର ଘରେ ନାବାଳିକାଙ୍କୁ ଯୌତୁକ ନିର୍ଯାତନା ଦେବା ସହ ମାରଧର କରିଥିଲେ। ନିର୍ଯାତନା ସହି ନ ପାରି ବାପ ଘରକୁ ନାବାଳିକା ଚାଲି ଆସିଥିଲେ। ବାପ ଘରେ ଝିଅ ଜନ୍ମ ହୋଇଥିଲା। ହେଲେ ଶ୍ୱଶୁର ଘର ଲୋକେ ତାଙ୍କୁ ନ ଜଣାଇ ସ୍ୱାମୀ ଚିନ୍ତାମଣୀଙ୍କ ଦ୍ୱିତୀୟ ବିବାହ କରିବାକୁ ଉଦ୍ୟମ ଆରମ୍ଭ କରିଥିଲେ। ଏହା ଶୁଣି ନିର୍ଯାତିତା ସ୍ତ୍ରୀ ଥାନାରେ ପହଞ୍ଚି ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ନଂ. ୧୨/୨୧ରେ ମାମଲା ରୁଜୁ କରି ଅଭିଯୁକ୍ତ ସ୍ୱାମୀ ଚିନ୍ତାମଣୀଙ୍କୁ ଗୁରୁବାର ସନ୍ଧ୍ୟାରେ ଗିରଫ କରି କୋର୍ଟ ଚାଲାଣ କରିଛି।

# ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଧାରଣା



ତହସିଲ ସମ୍ମୁଖରେ ଧାରଣାରତ କର୍ମଚାରୀ।

**ବାଲିଗୁଡା,୨୨।୧(ସ୍ୱ.ପ୍ର.)**

**ଆରଆଇଙ୍କୁ ଆକ୍ରମଣ ଘଟଣା**

ବାଲିଗୁଡା ତହସିଲର ଆରଆଇ ସୁଶାନ୍ତ ସ୍ୱାଇଁଙ୍କୁ ଆକ୍ରମଣ ଘଟଣାରେ ଅଭିଯୁକ୍ତଙ୍କୁ ଗିରଫ ଦାବି କରି ତହସିଲ କାର୍ଯ୍ୟାଳୟ ଆଗରେ କର୍ମଚାରୀ ଶୁକ୍ରବାର ଧାରଣା ଦେଇଥିଲେ। ଅଭିଯୁକ୍ତଙ୍କୁ ଗିରଫ କରିବାରେ ପୋଲିସ ଟାଳଟୁଳ ନୀତି ଅବଲମ୍ବନ କରୁଛି ବୋଲି ଅଭିଯୋଗ କରିଥିଲେ। ଫଳରେ ତହସିଲ କାର୍ଯ୍ୟାଳୟ ଠପ୍ ହୋଇଯାଇଥିଲା। ଜିଲା ଅମଲା ସଂଘ, ଚତୁର୍ଥଶ୍ରେଣୀ କର୍ମଚାରୀ ସଂଘ ଓ ରାଜସ୍ୱକ୍ଷେତ୍ରାଧିକାରୀ ସଂଘ ଧାରଣାକୁ ସମର୍ଥନ ଜଣାଇଛନ୍ତି।

ବାଲିଗୁଡା ଥାନାଧିକାରୀ ସର୍ବେଶ୍ୱର ବେହେରା ପହଞ୍ଚି ତହସିଲଦାର ସିଦ୍ଧାର୍ଥଶଙ୍କର ସାହୁଙ୍କ ସହ ଆଲୋଚନା କରିଥିଲେ। ଆଲୋଚନାରେ ରାଜ୍ୟ ରାଜସ୍ୱ କ୍ଷେତ୍ରାଧିକାରୀ ଜିଲା ସଂଘ ସଭାପତି ଗୋବିନ୍ଦ ବିନ୍ଧାଣି, ସମ୍ପାଦକ ଅସୀମ୍ ମଲ୍ଲିକ, କୋଷାଧ୍ୟକ୍ଷ ନିରଞ୍ଜନ ମଲ୍ଲିକ, ଅମଲା ସଂଘ ସଭାପତି ନିହାର ରଞ୍ଜନ ଦାସ, ସମ୍ପାଦକ ଦୁର୍ଗାପ୍ରସନ୍ନ ଦାସ ଓ ଆରଆଇ ସୁପରଭାଇଜର କାଳନ୍ଦୀ ବେହେରା ପ୍ରମୁଖ ଅଂଶଗ୍ରହଣ କରିଥିଲେ । ଅଭିଯୁକ୍ତଙ୍କୁ ରବିବାର ସୁଦ୍ଧା ଗିରଫ କରିବା ପାଇଁ ପ୍ରତିଶ୍ରୁତି ଦିଆଯିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ବୁଧବାର ବାଲିପାଟଣା ହାଟ ଓ ବରମୁଣ୍ଡଲି ପଞ୍ଚାୟତର କିଛି ସ୍ଥାନରେ ଜବରଦଖଲ ସମ୍ପର୍କିତ ଖବରପାଇ ଆରଆଇ ସ୍ୱାଇଁ, ତହସିଲଦାର ଓ ଅନ୍ୟ ଅଧିକାରୀଙ୍କ ସହ ଘଟଣାସ୍ଥଳକୁ ଯାଇଥିଲେ। ବରମୁଣ୍ଡଲି ପଞ୍ଚାୟତ ସୁବାସ ନାୟକ ସେମାନଙ୍କ ସହ ବଚସା କରି ଆରଆଇ ସ୍ୱାଇଁଙ୍କୁ ଚଟକଣା ମାରିଥିଲେ। ଏନେଇ ଥାନାରେ ମାମଲା (ନଂ.୧୨/୨୧)ରୁଜୁ ହୋଇଛି।

# ସଡ଼କ ସୁରକ୍ଷା ପାଇଁ ସାଇକେଲ ପରିକ୍ରମା



ରଥଦାଣ୍ଡରେ ସାଇକେଲ ପରିକ୍ରମାକୁ ଏଡିଏମ୍ ନରହରି ସେଠୀ ପତାକା ଦେଖାଇ ଉଦ୍‌ଘାଟନ କରୁଛନ୍ତି।

**କେନ୍ଦ୍ରାପଡ଼ା ଅଫିସ,୨୨।୧**

୩୨ତମ ସଡକ ସୁରକ୍ଷା ମାସ ପାଳନ ଉପଲକ୍ଷେ କେନ୍ଦ୍ରାପଡ଼ା ସହରରେ ସାଇକେଲ ପରିକ୍ରମା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଓ କେନ୍ଦ୍ରାପଡ଼ା ସାଇକେଲ କ୍ଲବର ମିଳିତ ସହଯୋଗରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ୮୦ର ଊର୍ଦ୍ଧ୍ୱ ସାଇକେଲ ଆରୋହୀ ସାମିଲ ହୋଇଥିଲେ। ଏହି ରାଲିକୁ ଇଚ୍ଛାପୁରସ୍ଥ ଶ୍ରୀବଳଦେବଜୀଉଙ୍କ ରଥଦାଣ୍ଡରେ ଏଡିଏମ୍ ନରହରି ସେଠୀ ଉଦ୍‌ଘାଟନ କରିଥିଲେ। ଆରଟିଓ ନିଖିଲ ପଟ୍ଟନାୟକ, ସାଇକେଲ କ୍ଲବର ସଦସ୍ୟ ପ୍ରଶାନ୍ତ ନାୟକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଗାଁ ସାଥୀ ସଂଘର ଦାବିପତ୍ର ପ୍ରଦାନ

**କେନ୍ଦ୍ରାପଡା ଅଫିସ,୨୨।୧–** ଗାଁ ସାଥୀ ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟି କେନ୍ଦ୍ରାପଡ଼ା ଜିଲା ଶାଖା ପକ୍ଷରୁ ବିଭିନ୍ନ ସମସ୍ୟା ନେଇ ଏକ ୭ ଦଫା ଦାବିପତ୍ର ଜିଲାପାଳଙ୍କୁ ଶୁକ୍ରବାର ପ୍ରଦାନ କରାଯାଇଛି। ସଂଘ ସଭାନେତ୍ରୀ କନକଲତା ଜେନା କହିଛନ୍ତି, ୨୦୦୮ରୁ ଜିଲାର ୯ଟି ବ୍ଲକରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାର ପ୍ରକଳ୍ପରେ ନିୟୋଜିତ ଗାଁ ସାଥୀମାନେ ବିଭିନ୍ନ ସମୟରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଡିଓ, ଉଦ୍ୟାନ କୃଷି ବିଭାଗ ଓ ମୃତ୍ତିକା ସଂରକ୍ଷଣ ବିଭାଗଗୁଡିକ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକୁ ଉପେକ୍ଷା କରୁଛନ୍ତି। ଗାଁ ସାଥୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯିବା, ବକେୟା ଅର୍ଥ ପ୍ରଦାନ କରାଯିବା, ପରିଚୟପତ୍ର ପ୍ରଦାନ କରାଯିବା ଆଦି ଦାବି ସମ୍ପର୍କରେ ଜିଲାପାଳଙ୍କୁ ଅବଗତ କରାଯାଇଛି। ଦାବି ପୂରଣ କରା ନ ଗଲେ ଧାରଣା ଦିଆଯିବ ବୋଲି ସେ ପ୍ରକାଶ କରିଛନ୍ତି।

# କୃଷି କାର୍ଯ୍ୟାଳୟ ଘେରିଲେ ଚାଷୀ

**ରସୁଲପୁର,୨୨।୧(ଡି.ଏନ.ଏ.)**

**ମୁଗ ବିହନ ବଣ୍ଟନ ତାଲିକା ପ୍ରସ୍ତୁତିରେ ଅନିୟମିତତା**



କୃଷି କାର୍ଯ୍ୟାଳୟ ଆଗରେ ଚାଷୀମାନେ ହୋହଲ୍ଲା କରୁଛନ୍ତି।

ରସୁଲପୁର ବ୍ଲକ ଅଧୀନ ପ୍ରଥମାଖଣ୍ଡି ପଞ୍ଚାୟତରେ ମୁଗ ବିହନ ବଣ୍ଟନ ନିମନ୍ତେ ପ୍ରସ୍ତୁତ ଚାଷୀ ତାଲିକାରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ତେଣୁ ଏହାର ଠିକ୍ ତାଲିକା ପ୍ରସ୍ତୁତ କରି ବିହନ ବଣ୍ଟନ କରିବାକୁ ଚାଷୀମାନେ ଦାବି କରିଛନ୍ତି। ଏନେଇ ଶୁକ୍ରବାର ଶତାଧିକ ଚାଷୀ ବ୍ଲକ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ। ଏପରି କି କୃଷକ ସାଥୀ ନରେଶ ମହାନ୍ତି ତାଲିକା ପ୍ରସ୍ତୁତିରେ ଅନିୟମିତତା କରିଥିବା ଚାଷୀ ଅଭିଯୋଗ କରିଥିଲେ। ଚାଷୀମାନେ କହିଥିଲେ, ନରେଶ କୃଷକ ସାଥୀ ଥାଇ ବି ଯାଜପୁର ଜିଲା ଯୁବ ବିଜେଡି ସାଧାରଣ ସମ୍ପାଦକ ଅଛନ୍ତି। ତେଣୁ ତାଲିକା ପ୍ରସ୍ତୁତିରେ ସେ କୃଷି ଅଧିକାରୀଙ୍କୁ ପ୍ରଭାବିତ କରିଛନ୍ତି। ସହକାରୀ କୃଷି ଅଧିକାରୀ ଭାଗ୍ୟଧର ସାହୁ ଚାଷୀଙ୍କୁ ବୁଝାଶୁଝା କରିବା ସହ ବିହନ ପ୍ରଦାନ କରିବା ପରେ ସେମାନେ ଫେରିଛନ୍ତି।

ପ୍ରକାଶ ଯେ, ଏହି ପଞ୍ଚାୟତରେ ଚକୱାରୀ ମୁଗ ଚାଷ ପାଇଁ ୪ କୁଇଣ୍ଟାଲ ମୁଗ ବିହନ ଆସିଛି। କୃଷକ ସାଥୀ ପଞ୍ଚୟତର ମୁଗଚାଷୀ ଚିହ୍ନଟ କରିବା ସହ ତାଲିକା ପ୍ରସ୍ତୁତ କରିବେ। ସେହି ଆଧାରରେ ବିହନ ବଣ୍ଟନ କରାଯିବ ବୋଲି ସ୍ଥିର ହୋଇଥିଲା। ତେବେ ଉକ୍ତ ପଞ୍ଚାୟତରୁ କୃଷି କାର୍ଯ୍ୟାଳୟକୁ ଆସିଥିବା ଚାଷୀ ତାଲିକାରେ ଅନେକ ଅଣଚାଷୀ ଥିବା ପ୍ରଘଟ ହୋଇଥିଲା। ଏଦିଗରେ ଅବଗତ ହେବାପରେ ଶତାଧିକ ଚାଷୀ ବ୍ଲକ କୃଷି କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ହୋହଲ୍ଲା କରିଥିଲେ। କୃଷି ଅଧିକାରୀ ସାହୁ ଚାଷୀଙ୍କୁ ବୁଝାଇବାକୁ ଚେଷ୍ଟା କରିଥିଲେ। ମାତ୍ର ଚାଷୀ ବିହନ ନେଇ ଘରକୁ ଯିବେ ବୋଲି ଜିଦ୍ ଧରିଥିଲେ। ତେଣୁ ସେଠାକୁ ଆସିଥିବା ଚାଷୀଙ୍କ ତାଲିକା ପ୍ରସ୍ତୁତ କରାଯିବା ସହ କୃଷକ ଆଇଡି ଯାଞ୍ଚ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ଯେଉଁମାନଙ୍କ ଆଇଡି ଥିଲା, ସେମାନଙ୍କୁ ବିହନ ପ୍ରଦାନ କରାଯାଇଥିଲା। ଏହିକ୍ରମରେ ୫୦ଜଣ ଚାଷୀଙ୍କୁ ୨ କୁଇଣ୍ଟାଲ ବିହନ ବଣ୍ଟନ କରାଯାଇଛି। ଏ ସମ୍ପର୍କରେ ସହକାରୀ କୃଷି ଅଧିକାରୀ ସାହୁ କହିଛନ୍ତି, ପଞ୍ଚାୟତରେ ରାଜନୈତିକ ବିବାଦ ଯୋଗୁ ଏଭଳି ସ୍ଥିତି ଉପୁଜିଲା ଥିଲା। କୃଷକ ସାଥୀଙ୍କୁ ଚାଷୀ ବିରୋଧ କରି ଏଠାକୁ ଆସିଥିଲେ। ସେମାନଙ୍କୁ ବୁଝାଶୁଝା କରି ସମସ୍ୟା ସମାଧାନ କରି ଦିଆଯାଇଛି। କୃଷକ ସାଥୀ ମହାନ୍ତି କହିଛନ୍ତି, ତାଲିକା ପ୍ରସ୍ତୁତ କରିବାରେ ତାଙ୍କର ଭୂମିକା ନାହିଁ। ମୁଗ ବିହନ ଏ ପର୍ଯ୍ୟନ୍ତ ବଣ୍ଟା ଯାଇନାହିଁ। ଯେତେବେଳେ ବଣ୍ଟାଯିବ କିଏ ଚାଷୀ ଚିହ୍ନଟ ହେବ ବୋଲି ମତ ରଖିଛନ୍ତି।

## ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନ

ନ-୧/୯, ନୟାପଲ୍ଲୀ, ପୋ: ସୈନିକ ସ୍କୁଲ, ଭୁବନେଶ୍ୱର-୭୫୧୦୦୫
ଫୋନ ନଂ. ୦୬୭୪-୨୩୦୧୩୨୪, Email- info@oav.edu.in

### ବିଜ୍ଞାପନ

**No. n-33:-** ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରତିଷ୍ଠିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ (ଇଂରାଜୀ ମାଧ୍ୟମ) ମାନଙ୍କରେ ୨୦୨୧–୨୨ ଶିକ୍ଷାବର୍ଷ ପାଇଁ ୨୫୦ ଗୋଟି ଆଦର୍ଶ ବିଦ୍ୟାଳୟମାନଙ୍କରେ କେବଳ ଷଷ୍ଠ ଶ୍ରେଣୀ ପାଇଁ ସିଧାସଳଖ ନାମ ଲେଖାଇବା ନିମିତ୍ତ ପ୍ରବେଶିକା ପରୀକ୍ଷା ପାଇଁ ସରକାରୀ/CoR ପାଇଥିବା ଓଡ଼ିଆ ମାଧ୍ୟମ ଓ ଇଂରାଜୀ ମାଧ୍ୟମ ବେସରକାରୀ ବିଦ୍ୟାଳୟର ମେଧାବୀ ଛାତ୍ରଛାତ୍ରୀମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି। ପ୍ରବେଶିକା ପରୀକ୍ଷାରେ ସଫଳତା ଭିତ୍ତିରେ ପ୍ରତ୍ୟେକ ବିଦ୍ୟାଳୟର ପ୍ରତ୍ୟେକ ଶ୍ରେଣୀରେ ଶତକଡ଼ା ୫୦ ଭାଗ ଛାତ୍ରୀଙ୍କୁ ଗ୍ରହଣ କରାଯିବ । ଏହି ପରୀକ୍ଷା ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କର ଉତ୍କର୍ଷତା ଯୋଗ୍ୟତା ଭିତ୍ତିରେ ଦିବ୍ୟାଧାୟୀ (Day Scholar) ଭାବରେ ଛାତ୍ରଛାତ୍ରୀମାନେ ଏହି ବିଦ୍ୟାଳୟରେ ଅଧ୍ୟୟନ କରିବେ ।

ଖୋଲାଯାଇଥିବା ଆଦର୍ଶ ବିଦ୍ୟାଳୟମାନଙ୍କରେ ନାମ ଲେଖାଇବା ପାଇଁ ବ୍ଲକକୁ ଏକ ୟୁନିଟ ଭାବେ ଗ୍ରହଣ କରାଯାଇଛି । ଇଚ୍ଛୁକ ଛାତ୍ରଛାତ୍ରୀମାନେ ନିଜ ବ୍ଲକରେ ଥିବା ଆଦର୍ଶ ବିଦ୍ୟାଳୟରେ ନାମଲେଖାଇବା ପାଇଁ ଆବେଦନ କରିପାରିବେ ଏବଂ ଯେଉଁ ବ୍ଲକମାନଙ୍କରେ ଆଦର୍ଶ ବିଦ୍ୟାଳୟ ଅଦ୍ୟାବଧି ସ୍ଥାପନ କରାଯାଇପାରି ନାହିଁ, ସେହି ବ୍ଲକର ଇଚ୍ଛୁକ ଛାତ୍ରଛାତ୍ରୀମାନେ ଅନ୍ୟ ବ୍ଲକରେ ଥିବା ଅନ୍ୟ କୌଣସି ଗୋଟିଏ ଆଦର୍ଶ ବିଦ୍ୟାଳୟରେ ନାମ ଲେଖା ପାଇଁ ଆବେଦନ କରିପାରିବେ । ଉକ୍ତ ପ୍ରବେଶିକା ପରୀକ୍ଷା ପାଇଁ କୌଣସି ଫିସ ଦେବାକୁ ପଡ଼ିବ ନାହିଁ । **ଦରଖାସ୍ତ ଗ୍ରହଣ କରାଯିବାର ଶେଷ ତାରିଖ ୨୦.୦୨.୨୦୨୧।**

ଆଗ୍ରହୀ ଛାତ୍ରଛାତ୍ରୀମାନେ ନିର୍ଦ୍ଧାରିତ ଫର୍ମରେ (ଯାହା ୱେବ୍‌ସାଇଟ୍‌ରେ ଉପଲବ୍ଧ) ଦରଖାସ୍ତ ପୂରଣ କରି ସମ୍ପୃକ୍ତ ବିଦ୍ୟାଳୟର ଅଧକ୍ଷ/ଭାରପ୍ରାପ୍ତ ଅଧକ୍ଷଙ୍କ ନିକଟରେ ଦାଖଲ କରିବେ । ନିର୍ଦ୍ଧାରିତ ତାରିଖ ପରେ ମିଳିଥିବା ଦରଖାସ୍ତକୁ ବିଚାରକୁ ନିଆଯିବ ନାହିଁ । **ଉକ୍ତ ପ୍ରବେଶିକା ପରୀକ୍ଷା, ତା.୦୮.୦୩.୨୦୨୧ରିଖରେ ବ୍ଲକରେ ଉଦ୍ଦିଷ୍ଟ କେନ୍ଦ୍ରରେ ଅନୁଷ୍ଠିତ ହେବ ।** ଏତଦ୍‌ବ୍ୟତୀତ ସପ୍ତମ, ଅଷ୍ଟମ ଓ ନବମ ଶ୍ରେଣୀରେ ଖାଲିଥିବା ସ୍ଥାନମାନଙ୍କରେ (category wise) ପାର୍ଶ୍ୱିକ ପ୍ରବେଶ (lateral entry)ର ମଧ ବ୍ୟବସ୍ଥା ରହିଛି । ଏହି ପାର୍ଶ୍ୱିକ ପ୍ରବେଶ ବା lateral entry ପାଇଁ ଫର୍ମ ମଧ ୱେବସାଇଟରେ ଉପଲବ୍ଧ ଅଛି । ଉକ୍ତ ପ୍ରବେଶିକା ପରୀକ୍ଷା ସଂକ୍ରାନ୍ତୀୟ ସମସ୍ତ ନିୟମାବଳୀ **www.oav.edu.in**ରୁ ମିଳିପାରିବ। ଛାତ୍ରଛାତ୍ରୀମାନେ ଯେଉଁ ବ୍ଲକର ଯେଉଁ ବିଦ୍ୟାଳୟରେ ପଢ଼ିବାକୁ ଇଚ୍ଛୁକ ନିର୍ଦ୍ଦିଷ୍ଟ ଭାବରେ ଦରଖାସ୍ତରେ ସୂଚନା ଦେବେ । ବିଭିନ୍ନ ବିଭାଗରେ ସଂରକ୍ଷଣ ଚାହୁଁଥିବା ଛାତ୍ରଛାତ୍ରୀମାନେ ନିର୍ଦ୍ଦିଷ୍ଟ ଜାତିଗତ ପ୍ରମାଣପତ୍ର ସହ ଆବେଦନ କରିପାରିବେ । ଚଳିତ ବର୍ଷ ବ୍ଲକମାନଙ୍କରେ ଖୋଲିବାକୁ ଯାଉଥିବା **୨୫୦** ଗୋଟି ବିଦ୍ୟାଳୟର ତାଲିକା ୱେବସାଇଟ୍‌ରେ ଉପଲବ୍ଧ ଅଟେ । ଏଥିସହିତ ଅଭିଭାବକ ଓ ଛାତ୍ରଛାତ୍ରୀମାନଙ୍କ ଅବଗତି ନିମନ୍ତେ ଦର୍ଶାଇ ଦିଆଯାଉଅଛି ଯେ ବର୍ତ୍ତମାନ ପାଇଁ ରାଜ୍ୟର ୫୦ ଗୋଟି ଆଦର୍ଶ ବିଦ୍ୟାଳୟରେ ବାଳିକାମାନଙ୍କ ପାଇଁ ରହିଥିବା ଆବାସିକ ବ୍ୟବସ୍ଥାର ତାଲିକା ୱେବ୍‌ସାଇଟ୍‌ରେ ଉପଲବ୍ଧ ଅଛି । କୌଣସି ଛାତ୍ରଛାତ୍ରୀମାନଙ୍କ ପାଇଁ ବିଦ୍ୟାଳୟକୁ ଯିବା ଆସିବା ନିମନ୍ତେ ଯାନବାହନର ବ୍ୟବସ୍ଥା କରାଯାଇନାହିଁ । ନାମଲେଖାଇବା ପରେ ଛାତ୍ରଛାତ୍ରୀମାନେ ନିଜ ସୁବିଧାରେ ରହିବେ ଏବଂ ବିଦ୍ୟାଳୟକୁ ଯିବାଆସିବା କରିବେ ।

ସ୍ୱାକ୍ଷର
ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ
ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନ

OIPR-27029/11/0003/2021

